

ଯା ଦେବୀ ସର୍ବଭୂତେଷୁ.....

ନିରପେକ୍ଷ ଦୈନିକ ସମ୍ବାଦପତ୍ର

ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶୁକ୍ରବାର ୦୩ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 03 May 2024

Vol.No. 35 ■ No.118 ■ Price :Rs.2.00 (8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

ଅନ୍‌ଲାଇନ୍‌ରେ ଆସିଥିଲା ପାର୍ସଲ: ବିସ୍ଫୋରଣରେ ୨ ମୃତ

ଗୁଜରାଟ, ୦୨/୫ : ଅନ୍‌ଲାଇନ୍‌ରେ ଆସିଥିଲା ପାର୍ସଲ। ଖୋଲିବା ପରେ ହେଲା ଭୟଙ୍କର ବିସ୍ଫୋରଣ। ଚାଲିଗଲା ବାପା-ଝିଅଙ୍କ ଜୀବନ। ସେହିପରି ଅନ୍ୟ ଦୁଇ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଗୁଜରାଟର ସାବରକଣ୍ଠାରେ ଘଟିଛି ଏଭଳି ଅଭାବନୀୟ ଘଟଣା। ଗୁଜରାଟର ସାବରକଣ୍ଠା ବଡାଲି ତାଲୁକାର ଛାଓ୍ୱନି ଗାଁ। ଏଠାକାର ଜୀତେନ୍ଦ୍ରଭାଇ ହୀରାଭାଇ ବଞ୍ଜାରାଙ୍କ ନାଁରେ ଅନ୍‌ଲାଇନ୍‌ରେ ଏକ ପାର୍ସଲ ଆସିଥିଲା। ସେ ଅନ୍‌ଲାଇନ୍‌ରୁ କିଛି ଦିନ ପୂର୍ବେ ଏକ ଥିଏଟର ସାଉଣ୍ଡ ସିଷ୍ଟମ୍ ଅର୍ଡର କରିଥିଲେ। ତେବେ ଏହି ପାର୍ସଲକୁ ଖୋଲିବା ▶▶ପୃଷ୍ଠା ୭

ଦିଲ୍ଲୀ ଏଲ୍‌ଜିଙ୍କ ଛାଟ: ବିଦା ହେଲେ ମହିଳା ଆୟୋଗର ୨୨୩ କର୍ମଚାରୀ

ନୂଆଦିଲ୍ଲୀ, ୦୨/୫ : ଦିଲ୍ଲୀର ଉପ ରାଜ୍ୟପାଳ ଭି.କେ ସକ୍ସେନା ଏକ ବଡ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ସେ ରାଜଧାନୀ ମହିଳା ଆୟୋଗର ୨୨୩ କର୍ମଚାରୀଙ୍କୁ ଚାକିରିରୁ ହଟାଇ ଦେଇଛନ୍ତି। ଅଭିଯୋଗ ହୋଇଛି ଯେ ତତ୍‌କାଳୀନ ଦିଲ୍ଲୀ ମହିଳା ଆୟୋଗର ଅଧ୍ୟକ୍ଷା ଥିବା ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସାଂସଦ ସ୍ୱାତୀ ମାଲିୱାଲ୍ ନିୟମର ଉଲ୍ଲଂଘନ କରି ଏହି ନିଯୁକ୍ତି ଦେଇଥିଲେ। ମହିଳା ଆୟୋଗରେ ସମୁଦାୟ ୪୦ଟି ପଦ ଖାଲି ଥିବା ବେଳେ ୨୨୩ କର୍ମଚାରୀଙ୍କୁ ନିଯୁକ୍ତି

ଦିଆଯାଇଥିଲା। ଉପ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ଦ୍ୱାରା ଜାରି କରାଯାଇଥିବା ନିର୍ଦ୍ଦେଶରେ କୁହାଯାଇଛି ଯେ ଉପ ରାଜ୍ୟପାଳଙ୍କ ବିନା ଅନୁମତିରେ ୨୨୩ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଚୁକ୍ତିରେ କର୍ମଚାରୀ ନିଯୁକ୍ତି କରିବାର ଆୟୋଗର ଅଧିକାର ନାହିଁ ବୋଲି ଏହି ନିର୍ଦ୍ଦେଶରେ ଦର୍ଶାଯାଇଛି। ଏହି ଆଦେଶରେ ଆହୁରି ମଧ୍ୟ କୁହାଯାଇଛି ଯେ ଅର୍ଥ ବିଭାଗର ଅନୁମୋଦନ ବିନା ସେମାନେ କୌଣସି ପଦକ୍ଷେପ ନେବା ଉଚିତ ନୁହେଁ। ସୂଚନା ମୁତାବକ, ଏହି ନିଯୁକ୍ତିଗୁଡିକ ଧାର୍ଯ୍ୟ ପ୍ରକ୍ରିୟା ଅନୁଯାୟୀ କରାଯାଇ ନାହିଁ। ଏଥିରେ ଆହୁରି ମଧ୍ୟ କୁହାଯାଇଛି ଯେ ଡିସିଡବ୍ଲୁ କର୍ମଚାରୀଙ୍କ ପାଇଁ ଦରମା ବୃଦ୍ଧି ମଧ୍ୟ ବେଆଇନ ଭାବେ ହୋଇଛି। ଯାହାକି ଧାର୍ଯ୍ୟ ପ୍ରକ୍ରିୟା ଏବଂ ନିର୍ଦ୍ଦେଶାବଳୀ ଉଲ୍ଲଂଘନ କରିଛି।

ଉପକୂଳରେ କମିଲା: ପଶ୍ଚିମ ଓଡ଼ିଶାରେ ଜାଳିଲା



ଭୁବନେଶ୍ୱର, ୦୨/୫ (ନି.ପ୍ର): ଉପକୂଳ ଓଡ଼ିଶାରେ ତାତି କମିଲା। ହେଲେ ପଶ୍ଚିମ ଓଡ଼ିଶାରେ ଜାଳୁଛି ତାତି। ଆଜି ପଶ୍ଚିମ ଓଡ଼ିଶାରେ ଅଧିକାଂଶ ସହରର ତାପମାତ୍ରା ୪୦ ଡିଗ୍ରୀ ଅତିକ୍ରମ କରିଥିବା ବେଳେ ବଲାଙ୍ଗିର ପାଲଟିଛି ରାଜ୍ୟର ଉତ୍ତପ୍ତ ସହର। ଆଜି ଏଠାରେ ତାପମାତ୍ରା ୪୫ ଡିଗ୍ରୀ ରେକର୍ଡ କରାଯାଇଛି। ସେପଟେ କଟକ-ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ତଳକୁ ଖସିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରି କରିଥିବା ବୁଲେଟିନ୍ ଅନୁସାରେ ଅନୁଗୋଳରେ ୪୪.୭ ଡିଗ୍ରୀ, ନୂଆପଡ଼ାରେ ୪୪.୬ ଡିଗ୍ରୀ, ତାଳଚେରରେ ୪୪.୫ ଡିଗ୍ରୀ, ଟିଟିଲାଗଡ଼ରେ ୪୪.୫ ଡିଗ୍ରୀ, ବୌଦ୍ଧରେ ୪୪.୩ ଡିଗ୍ରୀ, ବାରିପଦାରେ ୪୩.୪ ଡିଗ୍ରୀ, ଭବାନୀପାଟଣାରେ ୪୩ ଡିଗ୍ରୀ, ସମ୍ବଲପୁରରେ ୪୨.୮ ଡିଗ୍ରୀ, ଢେଙ୍କାନାଳରେ ୪୨.୮ ଡିଗ୍ରୀ, ଝାରସୁଗୁଡ଼ାରେ ୪୨.୬ ଡିଗ୍ରୀ, ମାଲକାନଗିରିରେ ୪୨.୬ ଡିଗ୍ରୀ, ନୟାଗଡ଼ରେ ▶▶ପୃଷ୍ଠା ୭

ଅମିତ ଶାହଙ୍କ ଫେକ୍ ଭିଡିଓ ମାମଲା: କଂଗ୍ରେସ ଆଇଟି ସେଲ୍‌ର ୫ ଗିରଫ



ନୂଆଦିଲ୍ଲୀ, ୦୨/୫ : ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଫେକ୍ ଭିଡିଓ ଭାଇରାଲ ମାମଲାରେ ପୁଲିସ୍ ଆଉ ୫ ଜଣଙ୍କୁ ଗିରଫ କରିଛି। ତେଲଙ୍ଗାନା ସାଇବର କ୍ରାଇମବ୍ରାଞ୍ଚର ଅଧିକାରୀମାନେ ରାଜ୍ୟ କଂଗ୍ରେସ ଆଇଟି ସେଲ୍‌ରୁ ୫ ଜଣଙ୍କୁ ଗିରଫ କରିଛନ୍ତି। ଫେକ ଭିଡିଓ ଭାଇରାଲ ମାମଲାରେ ଦିଲ୍ଲୀ ପୁଲିସ୍‌ର ସ୍ପେଶାଲ ସେଲ ପକ୍ଷରୁ ମଧ୍ୟ ଝାରଖଣ୍ଡ କଂଗ୍ରେସ ମୁଖ୍ୟ ରାଜେଶ ଠାକୁରଙ୍କୁ ମଧ୍ୟ ନୋଟିସ କରିଥିଲା। ଆଜି ସେ ହାଜର ହୋଇପାରନ୍ତି। ସେ ଅମିତ ଶାହଙ୍କ ଫେକ ଭିଡିଓକୁ ସୋଶାଲ ମିଡିଆରେ ଶେୟାର କରିଥିବାରୁ ପୁଲିସ୍ ତାଙ୍କୁ ନୋଟିସ କରିଥିଲା। ଏହାବାଦ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡୀ ଓ ଆଉ ୪ ଜଣଙ୍କୁ ମଧ୍ୟ ସମାନ ମାମଲାରେ ଦିଲ୍ଲୀ ପୁଲିସ ସମନ କରିଥିଲା। ବୁଧବାର ରେଡ୍ଡୀଙ୍କ ଓକିଲ ଦିଲ୍ଲୀ ପୁଲିସ୍ ନିକଟରେ ହାଜର ହୋଇଥିଲେ। ଅମିତ ଶାହଙ୍କ ଡି'ଫେକ ଭିଡିଓ ତିଆରି କରିବା ଓ ଏହାରକୁ ପୋଷ୍ଟିଂ କରିବାରେ ରେଭନ୍ତ ରେଡ୍ଡୀଙ୍କର କୌଣସି ପ୍ରକାରର ଭୂମିକା ନାହିଁ ବୋଲି ପୁଲିସ୍‌କୁ କହିଥିଲେ। ପୁଲିସ ସୂତ୍ର ଅନୁସାରେ,

ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ କରିବାକୁ ନିର୍ଦ୍ଦେଶ

ନୂଆଦିଲ୍ଲୀ, ୦୨/୫ : ମହିଳା ସଶକ୍ତିକରଣ ଦିଗରେ ସୁପ୍ରିମକୋର୍ଟଙ୍କ ବଡ଼ ପଦକ୍ଷେପ। ବାର ଆସୋସିଏସନ୍‌ରେ ଏକ ତୃତୀୟାଂଶ ମହିଳା ସଂରକ୍ଷଣ ଲାଗୁ କରିବାକୁ ଦେଲେ ନିର୍ଦ୍ଦେଶ। ମେ' ୧୬ ରେ ହେବାକୁ ଥିବା ସୁପ୍ରିମକୋର୍ଟର ବାର

ଆସୋସିଏସନ୍ ନିର୍ବାଚନର ଠିକ୍ ପୂର୍ବରୁ ସର୍ବୋଚ୍ଚ ଅଦାଲତଙ୍କ ଏହି ରାୟ ଆସିଛି। ସୁପ୍ରିମକୋର୍ଟର ଜଷ୍ଟିସ୍ ସୂର୍ଯ୍ୟକାନ୍ତ ଓ ଜଷ୍ଟିସ କେବି ବିଶ୍ୱନାଥନଙ୍କ ଖଣ୍ଡପୀଠ ବିଡି କୌଶିକଙ୍କ ମାମଲାରେ ଦିଆଯାଇଥିବା ପୁରୁଣା ରାୟକୁ ସ୍ପଷ୍ଟ କରିବାକୁ ଯାଇ ▶▶ପୃଷ୍ଠା ୭

ବିଜେଡ଼ିର ପ୍ରାଥମିକ ସଦସ୍ୟ ପଦରୁ ସନ୍ତୋଷ ଖଟୁଆଙ୍କ ଇସ୍ତଫା

ନୀଳଗିରି , ୦୨/୫ (ନି.ପ୍ର): ଆଜି ବିଜେଡିର ବାକିଥିବା ତିନିଗୋଟି ବିଧାନସଭା ପାଇଁ ପ୍ରାର୍ଥୀଙ୍କ ନାମ ଘୋଷଣା ହୋଇଥିବା ବେଳେ ନୀଳଗିରିର ପ୍ରମୁଖ ଆଶାୟୀ ସନ୍ତୋଷ ଖଟୁଆଙ୍କୁ ନିରାଶ ହେବାକୁ ପଡ଼ିଛି। ବିଧାୟକ ସୁକାନ୍ତ କୁମାର ନାୟକଙ୍କ ନାମ ଘୋଷଣା ପରେ ଅସନ୍ତୁଷ୍ଟ ସନ୍ତୋଷ ଖଟୁଆ ନିଜର ପ୍ରାଥମିକ ସଦସ୍ୟ ସହିତ ବିଜୁଜନତା ଦଳର ବରିଷ୍ଠ ଉପସଭାପତି ପଦରୁ ଅବ୍ୟାହତି ନେଇଛନ୍ତି। ସେ ତାଙ୍କର ଇସ୍ତଫା ପତ୍ର ଦଳର ସଭାପତି ନବୀନ ପଟ୍ଟନାୟକଙ୍କୁ ପଠାଇଥିବା ଜଣାପଡିଛି।ଦୀର୍ଘ ପାଞ୍ଚବର୍ଷ ଧରି ଦଳର ସଂଗଠନକୁ ସୁଦୃଢ କରିବାରେ ତାଙ୍କର ପ୍ରୟାସକୁ ଦଳ ଅଣଦେଖା କରି ତାଙ୍କପ୍ରତି ବେଇମାନ କରିଛି। ଏଣୁ ଆଗାମୀ ଦିନରେ

ବିଜେଡି ୩ ଓ ବିଜେପି ୬ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା

ଭୁବନେଶ୍ୱର, ୦୨/୫ (ନି.ପ୍ର): ବିଜେଡିର ବହୁ ପ୍ରତିକ୍ଷୀତ ଅବଶିଷ୍ଟ ୩ ବିଧାନସଭା ଆସନ ପାଇଁ ପ୍ରାର୍ଥୀ ଘୋଷଣା କରାଯାଇଛି। କୋରେଇ, ଖଣ୍ଡପଡ଼ା ଏବଂ ନୀଳଗିରି ଆସନରୁ ବିଧାନସଭା ପ୍ରାର୍ଥୀ ଘୋଷଣା କରାଯାଇଛି। କୋରେଇରୁ ସନ୍ଧ୍ୟାରାଣୀ ଦାସ ପ୍ରାର୍ଥୀ ହୋଇଥିବାବେଳେ ଖଣ୍ଡପଡ଼ାରୁ ସାବିତ୍ରୀ ପ୍ରଧାନ ଏବଂ ନୀଳଗିରି ଆସନରୁ ସୁକାନ୍ତ କୁମାର ନାୟକଙ୍କୁ ପ୍ରାର୍ଥୀ କରାଯାଇଛି। ସନ୍ଧ୍ୟାରାଣୀ ଦାସ ବିଜେଡି ସଂଗଠନ ସମ୍ପାଦକ ବବି ଦାସଙ୍କ ମା'। ସେହିପରି ଦେବଗଡ଼ ବିଧାନସଭା ଆସନରେ ପ୍ରାର୍ଥୀ ପରିବର୍ତ୍ତନ କରାଯାଇଛି। ଦେବଗଡ଼ ବିଧାନସଭା ପ୍ରାର୍ଥୀ ଅରୁନ୍ଧତୀ ଦେବୀଙ୍କ ବଦଳରେ ରୋମାଞ୍ଚ ରଞ୍ଜନ ବିଶ୍ୱାଳଙ୍କୁ ପ୍ରାର୍ଥୀ କରାଯାଇଛି। ବିଜେଡ଼ି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ସେହିପରି ଭାରତୀୟ ଜନତା ପାର୍ଟି ▶▶ପୃଷ୍ଠା ୭

ଓୟୁଜେ ପକ୍ଷରୁ ମଇ ଦିବସ ପାଳିତ

ବାଲେଶ୍ୱର, ୦୨/୫ (ନି.ପ୍ର): ବାଲେଶ୍ୱର ଠାରେ ଗତକାଲି ଓଡ଼ିଶା ସାମ୍ବାଦିକ ୟୁନିଅନ ବାଲେଶ୍ୱର ଜିଲ୍ଲା ଶାଖା ପକ୍ଷରୁ ମଇ ଦିବସ ସ୍ଥାନୀୟ ଆତିଥ୍ୟ ସମ୍ମିଳନୀ କକ୍ଷରେ ପାଳିତ ହୋଇଯାଇଛି। ସଂଘର ସଭାପତି ଗଙ୍ଗାଧର ରାଉତ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟ କ୍ରମରେ ବାଲେଶ୍ୱର ପ୍ରେସ କ୍ଲବ ର ସଭାପତି ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ଧ୍ୱନି ପ୍ରତିଧ୍ୱନି ର ମୁଖ୍ୟ ସମ୍ପାଦକ ସୃଷ୍ଟିଧର ପରିଡ଼ା, ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ ,ସମାଜ ର ଡେସ୍କ ଇନ୍ ଚାର୍ଜ ଶଶୀ ରଞ୍ଜନ ମଲ୍ଲିକ ପ୍ରମୁଖ ଯୋଗଦେଇ ମଇ ଦିବସ ଅବସରରେ ସମସ୍ୟା ଚକ୍ରରେ ସାମ୍ବାଦିକ ଶୀର୍ଷକ ଆଲୋଚନାରେ ଭାଗନେଇ ନିଜର ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ସାମ୍ବାଦିକ ଙ୍କୁ ସୁରକ୍ଷା, ପେନସନ ଓ ପ୍ରେଷ୍ଟିଜ ପ୍ରଦାନ ଉପରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ସାମ୍ବାଦିକ ମାନଙ୍କୁ ସବୁ କ୍ଷେତ୍ରରେ ଆଗ ଡାକରା ହେଉଥିବା ବେଳେ ସେମାନଙ୍କ ସର୍ବନିମ୍ନ ସମସ୍ୟାକୁ ସମାଧାନ କରାଯିବା ଉପରେ ବକ୍ତା ମାନେ ଗୁରୁତ୍ୱ ଆରୋପ କରିଥିଲେ। ସାମ୍ବାଦିକ ମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ସରକାର ଏକ ନିରପେକ୍ଷ ସଂସ୍ଥା ଜରିଆରେ ପଦକ୍ଷେପ ନେବାକୁ ମତ ପ୍ରକାଶ ପାଇଥିଲା। ସାମ୍ବାଦିକ ମାନେ ଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବା ବେଳେ ନିଜେ ନିଜର ପରିସୀମା ଭିତରେ ରହିବା ଆବଶ୍ୟକ ବୋଲି ବକ୍ତା ମାନେ କହିଥିଲେ। ଏହି କାର୍ଯ୍ୟ କ୍ରମରେ ସଂଘର ରାଜ୍ୟ କାର୍ଯ୍ୟ କାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା ଜୋନାଲ ସମ୍ପାଦକ ରବୀନ୍ଦ୍ର ମହାକୁଡ,ସାଧାରଣ ସମ୍ପାଦକ ବିବେକାନନ୍ଦ ଦାସ, ବରିଷ୍ଠ ସାମ୍ବାଦିକ ଅଭୟ କୁମାର ଦାସ, ସର୍ବେଶ୍ୱର ନାଥ, ଦେବବ୍ରତ ପାଣିଗ୍ରାହୀ, ସୁମନା ପରିଡ଼ା, କୋଷାଧ୍ୟକ୍ଷ ସୁରେଶ ଚନ୍ଦ୍ର ଦାସ,ଆଜିମ୍ ବାଲେଶ୍ୱରୀ ,ଅକ୍ଷୟ କୁମାର ଜେନା, ଉତ୍କଳ ବନ୍ଧୁ ପଣ୍ଡା, ରବିରଞ୍ଜନ ତ୍ରିପାଠୀ, ପ୍ରମୁଖ ଯୋଗଦେଇ ସାମ୍ବାଦିକ ମାନଙ୍କ ବହୁବିଧ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ସଂଘର ସଦର ସଂଯୋଜକ ଅଜିତ କୁମାର ମହାନ୍ତି ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ଦେଇଥିବା ବେଳେ ଟାଉନ ସଂଯୋଜକ ହାଇଦର ଖାନ ଧନ୍ୟବାଦ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ବରିଷ୍ଠ ସଦସ୍ୟ ଅଧିପ କୁମାର ଜେନା, ଲକ୍ଷ୍ମୀଧର ଗାନ, ସୋମନାଥ ସାହୁ, ସଞ୍ଜୟ କୁମାର ଗିରି ଜିତେନ୍ଦ୍ର କୁମାର ମହାନ୍ତି, ସେକ ନଜୀମ,ପ୍ରତିମା ଜେନା, ବାସୁଦେବ ରାଉଳ,କାଞ୍ଚ ମଣି ସ୍ୱାଇଁ, ସଂଯୁକ୍ତା ରାଣୀ ବେହେରା ,ଅଭୟ କୁମାର ପତ୍ରୀ, ରମାକାନ୍ତ ପଣ୍ଡା, ମହେଶ୍ୱର ପ୍ରଧାନ, ଶମ୍ଭୁନାଥ ନାୟକ, ସଞ୍ଜୟ କୁମାର ବେହେରା ମନୋଜ କୁମାର ପ୍ରଧାନ, ଚିତ୍ତ ରଂଜନ ନାୟକ ପ୍ରମୁଖ ଯୋଗ ଦେଇଥିଲେ।

ନାମାଙ୍କନ ଦାଖଲ କଲେ ମନ୍ମଥ ଓ ଅପରାଜିତା: ମୁହାଁମୁହିଁ ହେଲେ ସମର୍ଥକ

ଭୁବନେଶ୍ୱର, ୦୨/୫ (ନି.ପ୍ର): ଭୁବନେଶ୍ୱର ଲୋକସଭା ଆସନ ନିମନ୍ତେ ଆଜି ନାମାଙ୍କନ ଦାଖଲ କରିଛନ୍ତି ଦୁଇ ହେଭିୱେଟ ନେତା। ବିଜେପି ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଓ ବିଜେଡିର ମନ୍ମଥ ରାଉତରାୟ ଆଜି ବିରାଟ ଶୋଭାଯାତ୍ରାରେ ନିଜ ହଜାର ହଜାର ସମର୍ଥକଙ୍କ ସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଛନ୍ତି। ତେବେ ନାମାଙ୍କନ ଦାଖଲ ବେଳେ ଉଭୟ ପ୍ରାର୍ଥୀଙ୍କ ସମର୍ଥକ ମୁହାଁମୁହିଁ ହୋଇଥିବା ବେଳେ କିଛି ସମୟ ପାଇଁ ପରିସ୍ଥିତି ଅଣାୟତ୍ତ ହୋଇ ପଡ଼ିଥିଲା। ବିଜେପିର ଭୁବନେଶ୍ୱର ସାଂସଦ ପ୍ରାର୍ଥୀ ଅପରାଜିତା ଷଡଙ୍ଗୀ ଆଜି ସକାଳେ ପ୍ରଥମେ ନିଜ ବାସଭବନରେ ପୂଜାର୍ଚ୍ଚନା କରିଥିଲେ । ଏହାପରେ ସମର୍ଥକଙ୍କ ସହ ମା' ଭୁଆଷୁଣି ମନ୍ଦିରକୁ ଯାଇ ପୂଜାର୍ଚ୍ଚନା କରିଥିଲେ। ଏହାପରେ ସେ ନିଜ ସମର୍ଥକଙ୍କ ସହ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ଏକ ଖୋଲା ଜିପ୍‌ରେ ଯାଇଥିଲେ। ଏହି ସମୟରେ ଅପରାଜିତା ଏକ ବିଶାଳ ରୋଡ ଶୋ' କରିଥିବା

ବେଳେ ତାଙ୍କର ହଜାର ହଜାର ସମର୍ଥକ ଏଥିରେ ସାମିଲ ହୋଇଥିଲେ। ଏହାପରେ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ନାମାଙ୍କନ ଦାଖଲ କରିଥିଲେ। ଅପରାଜିତାଙ୍କ ପାଖେପାଖେ ତାଙ୍କ ପୁଅ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ▶▶ପୃଷ୍ଠା ୭

ଭୟଙ୍କର ବିସ୍ଫୋରଣ: ଚାଲିଗଲା ୪ ଜୀବନ

ତାମିଲନାଡୁ, ୦୨/୫ : ତାମିଲନାଡୁର ଭୀରୁଧୁନଗର ଜିଲ୍ଲାର ଏକ ପଥର ଖଣିରେ ଭୟଙ୍କର ବିସ୍ଫୋରଣ ଘଟିଛି। ଏଥିରେ ୪ ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଆଉ ୧୦ ଜଣ ଗୁରୁତର ହୋଇଛନ୍ତି। ଖାଦାନାରେ ନିୟୋଜିତ ଶ୍ରମିକମାନେ ଗୋଟିଏ ଗାଡ଼ିରୁ ବିସ୍ଫୋରକ ସାମଗ୍ରୀ ପଥର ଖଣିର ଭଣ୍ଡାର ଘରକୁ ବୋହି ନେଉଥିବା ▶▶ପୃଷ୍ଠା ୭

ପାକିସ୍ତାନର ପ୍ରଶଂସା ପରେ କଂଗ୍ରେସ ଉପରେ ବର୍ଷିଲେ ପ୍ରଧାନମନ୍ତ୍ରୀ ମୋଦି

ନୂଆଦିଲ୍ଲୀ, ୦୨/୫ : ପଡ଼ୋଶୀ ଦେଶର ପାକିସ୍ତାନ ଜଣେ ସମର୍ଥକ ବା ଅନୁଗାମୀ ହେଉଛି କଂଗ୍ରେସ। ପାକିସ୍ତାନ ଚାହୁଁଛି ଏବେ କଂଗ୍ରେସର ଶେହଜାଦା(ରାହୁଲ ଗାନ୍ଧି) ଭାରତର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୁଅନ୍ତି। ଆଜି ଏଭଳି କିଛି ଭାଷା ପ୍ରୟୋଗ କରି କଂଗ୍ରେସ ଓ ଦଳର ସାଂସଦ ରାହୁଲ ଗାନ୍ଧିଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ବର୍ତ୍ତମାନ ଭାରତରେ ନିର୍ବାଚନ ଋତୁ ଚାଲିଛି। ସବୁ ଦଳର ହେଭିୱେଟ ନେତାମାନେ ପ୍ରଚାରରେ ଲାଗି

ପଡ଼ିଛନ୍ତି। ଦିନକ ତଳେ ପାକିସ୍ତାନର ପୂର୍ବତନ ମନ୍ତ୍ରୀ ଚୌଧୁରୀ ଫୱାଦ ହୁସେନ କଂଗ୍ରେସ ନେତା ରାହୁଲ ଗାନ୍ଧିଙ୍କ ଗୋଟିଏ ଭିଡିଓ ଶେୟାର କରିଥିଲେ। ଏଥିସହ ସେ ରାହୁଲ ଗାନ୍ଧିଙ୍କୁ ପ୍ରଶଂସା କରିଥିଲେ। ବାସ୍ ଏହାକୁ ନେଇ ବୁଧବାର ଦିନ ତମାମ ବିଜେପି ନେତାମାନେ ରାହୁଲ ଗାନ୍ଧି ଓ କଂଗ୍ରେସକୁ ଟାର୍ଗେଟ କରିଥିଲେ। ଆଜି ପ୍ରଧାନମନ୍ତ୍ରୀ ମୋଦି ଗୋଟିଏ ନିର୍ବାଚନୀ ସଭାରେ ଏହି ପ୍ରସଙ୍ଗ ଉଠାଇଛନ୍ତି। ସେ କହିଛନ୍ତି, "କଂଗ୍ରେସ ▶▶ପୃଷ୍ଠା ୭

ପାଣିପାଇଁ ଭଣ୍ଡାଉଛନ୍ତି: ଚନ୍ଦନପୁରବାସୀ କଲବଲ

ନିରାକାରପୁର, ୦୨/୫ (ନି.ପ୍ର): ରାମେଶ୍ୱର ପଞ୍ଚାୟତ ଅଧୀନ ଚନ୍ଦନପୁର ଗ୍ରାମରେ ଦୀର୍ଘ ବର୍ଷେ ହେଲାଣି ପାନୀୟ ଜଳ ସମସ୍ୟା ଲାଗି ରହିଥିବା ବେଳେ ଏହାର ସମାଧାନ ଦିଗରେ ବିଭାଗୀୟ ଅଧିକାରୀ ଆନ୍ତରିକତା ଦେଖାଉ ନଥିବା ଅଭିଯୋଗ ହେଉଛି। ଗ୍ରାମବାସୀଙ୍କ ପକ୍ଷରୁ ବାରମ୍ବାର ଦାବି ପରେ ସ୍ଥାନୀୟ ଶ୍ମଶାନ ସନ୍ନିକଟରେ ବିଭାଗୀୟ ଲକ୍ଷାଧିକ ଟଙ୍କାର ବିନିମୟରେ ଏକ ବୋରିଂ କରାଯାଇଥିଲା। ସେ ଅନୁପାତରେ ମାଟି ତଳେ ମଧ୍ୟ ପାଇପମାନ ବିଛା ଯାଇଥିଲା। ଅନୁରୂପ ଭାବେ ଆବଶ୍ୟକତା ଅନୁସାରେ ଷ୍ଟାଣ୍ଡ ପୋଷ୍ଟ ମଧ୍ୟ ନିର୍ମାଣ କରାଗଲା। ହେଲେ ଇତି ମଧ୍ୟରେ ବର୍ଷେ ବିତି ଯାଇଥିଲେ ସୁଦ୍ଧା ସାଧାରଣତଃ ପିଇବା ପାଣି ମୁନ୍ଦେ ଅଧିବାସୀଙ୍କ ଭାଗ୍ୟରେ ଜୁଟି ପାରି ନାହିଁ। ଗ୍ରାମର ଏକମାତ୍ର ନଳକୂପ ଉପରେ ପ୍ରାୟ ୩ଶହରୁ ଊର୍ଦ୍ଧ୍ୱ ଗ୍ରାମବାସୀ ଭରସା କରୁଛନ୍ତି। ମାତ୍ର ବିଭାଗୀୟ ଅଧିକାରୀଙ୍କ ଅବହେଳା ଯୋଗୁଁ ଏବେ ପ୍ରକଳ୍ପଟି ଅଧାପାନ୍ତରିଆ ପଡ଼ିରହିଛି। ପ୍ରକଳ୍ପ ଥାଇ ସୁଦ୍ଧା ଲୋକେ ବହୁବିଧ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ବାସୀଙ୍କ ଅଭିଯୋଗ କ୍ରମେ ଚଳିତମାସ ଗତ ୨୪ତାରିଖରେ 'ପାଣି ମୁନ୍ଦେ ପାଇଁ ନାକେଦମ, ଏକମାତ୍ର ନଳକୂପ ସାହା ଭରସା, ଲୋକେ ପିଉଛନ୍ତି ନଦୀ ପାଣି' ଶୀର୍ଷକ ଗଣମାଧ୍ୟମରେ ପ୍ରକାଶିତ ହେବା ପରେ ପର ଦିନ ଅର୍ଥାତ ୨୫ତାରିଖରେ ବିଭାଗ ପକ୍ଷରୁ ମିସ୍ତ୍ରି ଆସି ମରାମତି କରିଥିଲା। ଏହି କାର୍ଯ୍ୟ ସରିଯିବାପରେ କାଲିଠାରୁ ସୂଚାରୁ ରୂପେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା କରାଯିବ ବୋଲି ଗ୍ରାମବାସୀଙ୍କୁ କୁହାଯାଇଥିଲା। ଇତି ମଧ୍ୟରେ ୫ଦିନ ବିତିଥିଲେ ସୁଦ୍ଧା ପାଣି ଯୋଗାଣ କଥା ଦୂରେ ଥାଉ କାହାର ମଧ୍ୟ ଦେଖା ମିଳୁ ନଥିବା ଗ୍ରାମର କ୍ଷେତ୍ରବାସୀ ବେହେରା ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ ବୋରିଂକୁ ବର୍ଷେ ବିତିଲା, କିନ୍ତୁ ମଟର ଲଗାଯାଇ ପାରୁ ନାହିଁ। ଫଳରେ ଲୋକେ ପିଇବା ପାଣି ପାଇବାରୁ ବଞ୍ଚିତ ହେଉଛନ୍ତି। ଏନେଇ ଟାଙ୍ଗୀବ୍ଲକ ବିଭାଗୀୟ ଯନ୍ତ୍ରୀ ମଧୁସ୍ମିତା ମହାନ୍ତିଙ୍କୁ ପଚାରିବାରେ ସମସ୍ତ କାମ ତ ସରିଛି। ଲୋକେ ପାଣି ପାଇବା କଥା, ତେବେ କ'ଣ ହୋଇଛି ସେ ବିଝିକି କହିବେ ବୋଲି ନିଜ ପ୍ରତିକ୍ରିୟାରେ କହଇଛନ୍ତି।

ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ 'ଜାତୀୟ ଶିକ୍ଷା ନୀତି ୨୦୨୦: ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ଦୁଇ ଦିନିଆ ଜାତୀୟ ଆଲୋଚନାଚକ୍ର

ଜୟପୁର, ୦୨/୫ (ନି.ପ୍ର): ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ନିକଟରେ ସୁନାବେଡ଼ା କ୍ୟାମ୍ପସରେ "ଜାତୀୟ ଶିକ୍ଷା ନୀତି ୨୦୨୦ : ଆହ୍ୱାନ ଏବଂ ସୁଯୋଗ' ଶୀର୍ଷକ ଦୁଇଦିନିଆ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ଶିକ୍ଷା ମଣ୍ଡଳ ସହଯୋଗରେ ଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ ଏହି ଆଲୋଚନାଚକ୍ର ୨୦୨୪ ମେ ପହିଲାରୁ ମେ' ୨ ତାରିଖ ପର୍ଯ୍ୟନ୍ତ ଚାଲିଥିଲା। ୨୦୨୪ ମେ' ୨ ତାରିଖରେ ଏକ ଉଦଯାପନୀ କାର୍ଯ୍ୟକ୍ରମ ସହ ସେମିନାର ସମାପିତ ହୋଇଥିଲା।

ସେମିନାରର ଦ୍ୱିତୀୟ ଦିବସରେ ସିୟୁଓର ସମସ୍ତ ଏକାଡେମିକ ବିଭାଗର ବିଭାଗୀୟ ମୁଖ୍ୟମାନଙ୍କ ମଧ୍ୟରେ ଆଲୋଚନା ଓ ସହଯୋଗକୁ ସୁଗମ କରିବା ଉଦ୍ଦେଶ୍ୟରେ ଏକ ସମୃଦ୍ଧ ଅଧିବେଶନ ଆରମ୍ଭ ହୋଇଥିଲା। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଅଧିବେଶନରେ ଭାରତୀୟ ଶିକ୍ଷା ମଣ୍ଡଳର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବିଆର ଶଙ୍କରାନନ୍ଦ ଯୋଗଦେଇଥିବା ବ୍ୟକ୍ତିମାନେ ନିଜ ନିଜ ବିଭାଗ ମଧ୍ୟରେ ଏନଇପି ୨୦୨୦ ର କାର୍ଯ୍ୟକାରିତା ସମ୍ପର୍କରେ ବୁଝାମଣା ଓ ଅଭିଜ୍ଞତା ବାଂଟିବା ପାଇଁ ଏକ ମଂଚ ପ୍ରଦାନ କରିଥିଲେ । ଛତିଶଗଡ଼ ଅମ୍ବିକାପୁରସ୍ଥିତ ସନ୍ତୁ ଗହୀରା ଗୁରୁ ସରଗୁଜା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରୋହିଣୀ ପ୍ରସାଦ ମଧ୍ୟ ଆଲୋଚନାରେ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ।

ଏହି ଅଧିବେଶନରେ ଜାତୀୟ ବିକାଶ ପାଇଁ ସାମାଜିକ ଉତରଦାୟିତ୍ୱ ଏବଂ ସାଂଗଠନିକ ଏକତାର ଗୁରୁତ୍ୱ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ନିର୍ଭୀକତାର ବିକାଶ ଏବଂ ଏନଇପି ୨୦୨୦ରେ ପରିକଳ୍ପିତ ଛାତ୍ର-କେନ୍ଦ୍ରୀତ ଶିକ୍ଷା ବ୍ୟବସ୍ଥାର ପ୍ରୋତ୍ସାହନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଏନଇପି ୨୦୨୦ର ଆଦେଶ ସହିତ ବିଶ୍ୱବିଦ୍ୟାଳୟ ନୀତିଗୁଡିକର ସମନ୍ୱୟ ସହିତ ପ୍ରତିଯୋଗିତା ଉପରେ ସହଯୋଗକୁ ସମର୍ଥନ କରାଯାଇଥିଲା । ଏକାଡେମିକ ଗବେଷଣାରେ ନମନୀୟତା ଏବଂ ଚାକିରି ସାକ୍ଷାତକାରରେ ସାମାଜିକ ପ୍ରାସଙ୍ଗିକତାକୁ ପ୍ରାଥମିକତା ଦେବା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା। ଏହି ଅଧିବେଶନରେ ଆନ୍ତଃବିଭାଗୀୟ ଆଭିମୁଖ୍ୟର ଗୁରୁତ୍ୱ, ମୋଟ ନାମଲେଖା ଅନୁପାତ (ଜିଇଆର) ବୃଦ୍ଧି କରିବାର ପ୍ରଣାଳୀ ଏବଂ ପରୀକ୍ଷାମୂଳକ ଶିକ୍ଷା ପାଇଁ ଆବଶ୍ୟକତା ଭିତିକ ସାର୍ଟିଫିକେଟ୍ ପାଠ୍ୟକ୍ରମ ପ୍ରଚଳନ ଉପରେ ଆଲୋକପାତ କରାଯାଇଥିଲା। ଏହାବ୍ୟତୀତ ଶିକ୍ଷା ଓ ଶିଳ୍ପ ମଧ୍ୟରେ ସମନ୍ୱୟକୁ ପ୍ରୋତ୍ସାହିତ କରିବା ସହ ମୂଲ୍ୟବୋଧ ଭିତିକ ସାହିତ୍ୟ ଓ ଅନୁବାଦ ଅଧ୍ୟୟନକୁ ପ୍ରୋତ୍ସାହିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା ।

ଅଧିବେଶନର ପରବର୍ତୀ ପର୍ଯ୍ୟାୟରେ ଅଧ୍ୟାପକମାନଙ୍କ ସହ ଆଲୋଚନା ଜାରି ରହିଥିଲା। ସମ୍ବଳ ବ୍ୟକ୍ତି ସମସ୍ତ ଅଂଶଗ୍ରହଣକାରୀଙ୍କୁ ଏନଇପି ୨୦୨୦ ଦସ୍ତାବିଜକୁ ଭଲ ଭାବରେ ପଢିବା ଏବଂ ବ୍ୟାଖ୍ୟା କରିବାକୁ ଅନୁରୋଧ କରିଥିଲେ ଏବଂ ଗଠନମୂଳକ ବ୍ୟାଖ୍ୟା ର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶିକ୍ଷା ସଂସ୍କାର ପାଇଁ ଶିକ୍ଷକଙ୍କ ପାରମ୍ପରିକ ଭୂମିକା ଉପରେ ପୁନର୍ବିଚାର କରିବା ସହିତ ଏନଇପି ୨୦୨୦ ଅନୁଯାୟୀ ମୂଲ୍ୟାୟନ କୌଶଳର ସଂଶୋଧନ ଏବଂ ବିଷୟର ଶିକ୍ଷାଦାନ ପାଇଁ ପରାମର୍ଶ ଦିଆଯାଇଥିଲା । ଶିକ୍ଷଣ ଅଭିଜ୍ଞତା ବୃଦ୍ଧି ପାଇଁ ଶ୍ରେଣୀଗୃହଗୁଡ଼ିକୁ ଜୀବନ୍ତ ଏବଂ ଧନ୍ଦାମୂଳକ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ଭଗବତ ଗୀତାରୁ ପ୍ରେରଣା ନେଇ ଉପସ୍ଥିତ ଲୋକଙ୍କୁ ସୃଜନଶୀଳତା ଏବଂ ଜୀବନବ୍ୟାପୀ ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଶିକ୍ଷକ ହେବାର ପ୍ରକୃତ ଭାବନାକୁ ପ୍ରତିପାଦିତ କରିବାକୁ ଉତ୍ସାହିତ କରାଯାଇଥିଲା। ଏହି ସେମିନାର ଆହ୍ୱାନର ମୁକାବିଲା କରିବା ଏବଂ ଏନଇପି ୨୦୨୦ ଦ୍ୱାରା ଉପସ୍ଥାପିତ ସୁଯୋଗର ଅନୁସନ୍ଧାନ ପାଇଁ ଏକ ମୂଲ୍ୟବାନ ପ୍ଲାଟଫର୍ମ ପ୍ରଦାନ କରିଥିଲା । ଏକାଡେମିକ ଅଂଶୀଦାରମାନଙ୍କ ମଧ୍ୟରେ ସହଯୋଗ ଏବଂ ଆଲୋଚନାକୁ ପ୍ରୋତ୍ସାହିତ କରି, ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଭାରତରେ ଶିକ୍ଷା ନୀତି ଏବଂ ଅଭ୍ୟାସର ଅଗ୍ରଗତିରେ ଯୋଗଦାନ କରିବା। ସେମିନାରର ସମାପନୀ ଅଧିବେଶନରେ ଆୟୋଜକ ସମ୍ପାଦକ ଡ. ରାମେନ୍ଦ୍ର କୁମାର ପାଢ଼ୀ ସମ୍ମାନିତ ଅତିଥିମାନଙ୍କୁ ସ୍ୱାଗତ କରିବା ପରେ ଦୁଇଦିନିଆ ଜାତୀୟ ସେମିନାରର ମୁଖ୍ୟ ଆକର୍ଷଣକୁ ସଂକ୍ଷିପ୍ତ ତଥା ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ। ସେମିନାରର ସମାପନୀ ଅଧିବେଶନରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀ ଅଧ୍ୟକ୍ଷତା କରି ଉଦ୍ ବୋଧନ ଦେଇଥିଲେ । ଏଥିରେ ମୁଖ୍ୟ ଅତିଥି ଭାବେ ଭାରତୀୟ ଶିକ୍ଷା ମଣ୍ଡଳର ରାଷ୍ଟ୍ରୀୟ ସଂଗଠନ ସମ୍ପାଦକ ବି.ଆର୍ ଶଙ୍କରାନନ୍ଦ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଛତିଶଗଡ଼ର ଅମ୍ବିକାପୁରସ୍ଥିତ ସନ୍ତୁ ଗହୀରା ଗୁରୁ ସରଗୁଜା ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ରୋହିଣୀ ପ୍ରସାଦ ଯୋଗ ଦେଇଥିଲେ। ଏହାପରେ ପ୍ରତିଯୋଗୀମାନଙ୍କୁ ସେମିନାରର କାର୍ଯ୍ୟକଳାପ ସମ୍ପର୍କରେ ନିଜର ମତାମତ ଦେବା ପାଇଁ ନିମନ୍ତ୍ରଣ କରାଯାଇଥିଲା । ପ୍ରତିଯୋଗୀମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯିବା ପରେ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଶିକ୍ଷା ବିଭାଗର ସହକାରୀ ପ୍ରଫେସର ଗଗନ ବିହାରୀ ସୁଆର ଧନ୍ୟବାଦ ଅର୍ପଣ କରିଥିଲେ। ଜାତୀୟ ସଙ୍ଗୀତ ପରିବେଷଣ ସହ କାର୍ଯ୍ୟକ୍ରମ ଶେଷ ହେବା ପରେ ସମସ୍ତ ଉପସ୍ଥିତ ଲୋକଙ୍କ ମଧ୍ୟରେ ସଫଳତା ଓ ବନ୍ଧୁତ୍ୱର ଭାବନା ରହିଥିଲା ବୋଲି ବିଶ୍ୱବିଦ୍ୟାଳୟର ଜନସମ୍ପର୍କ ଅଧିକାରୀ, ଡ. ଫଗୁନାଥ ଭୋଇ ସୂଚନା ଦେଇଛନ୍ତି । ପ୍ରଥମ ଦିନରେ ଶିକ୍ଷା ବିଭାଗର ଛାତ୍ରଛାତ୍ରୀଙ୍କ ଦ୍ୱାରା ଆୟୋଜିତ କଳା ପ୍ରଦର୍ଶନୀକୁ ବିଶିଷ୍ଟ ବ୍ୟକ୍ତିମାନେ ଉଦ୍ ଘାଟନ କରିଥିଲେ।

ହିତାଧିକାରୀଙ୍କୁ ଧୁଆଁବାଣ ମାରୁଛି ବ୍ଲକ୍ ପ୍ରଶାସନ: ପ୍ରଧାନମନ୍ତ୍ରୀ ଆବାସ କରି ବାରଦୁଆର ବାସନ୍ତୀ

ଓଡ଼ଗାଁ, ୦୨/୫ (ନି.ପ୍ର): ଓଡ଼ଗାଁ ବ୍ଲକ୍ ଗୋଲଗାଁ ଗ୍ରାମପଞ୍ଚାୟତ ଅଧୀନସ୍ଥ ପାଣିଭଣ୍ଡାର ଗ୍ରାମର ପ୍ରକାଶ ସ୍ୱାଇଁଙ୍କ ସ୍ତ୍ରୀ ବାସନ୍ତୀ ସ୍ୱାଇଁ ପ୍ରଧାନମନ୍ତ୍ରୀ ଆବାସ କରି ବାରଦୁଆର ବୁଲୁଛନ୍ତି। ଆବାସ ଟଙ୍କା ନ ଦେଇ ଧୁଆଁବାଣ ମାରୁଛି ବ୍ଲକ୍ ପ୍ରଶାସନ। ଜଣେ ବାସହୀନ ମହିଳା ଭାବେ ବ୍ଲକ୍‌ରୁ ପ୍ରଧାନମନ୍ତ୍ରୀ ଆବାସ ଗ୍ରାମୀଣ ଯୋଜନାରେ ଏକ ଗୃହ ନିର୍ମାଣ ପାଇଁ ଗ୍ରାମ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଜଣାଇବା ପରେ ବାସନ୍ତୀ ତାଙ୍କୁ ଗୃହ ନିର୍ମାଣର କାର୍ଯ୍ୟାଦେଶ ପ୍ରମାଣପତ୍ର ମାଗିଥିଲେ। ମାତ୍ର କାର୍ଯ୍ୟନିର୍ବାହୀ ଅଧିକାରୀ କାର୍ଯ୍ୟାଦେଶ ନ ଦେଇ ''ଅନଲାଇନ୍‌ରେ ତୁମର କାର୍ଯ୍ୟାଦେଶ ହୋଇଯାଇଛି; ତୁମର ପ୍ରଥମ କିସ୍ତିର ୪୦ ହଜାର ଟଙ୍କା ଆକାଉଣ୍ଟକୁ ବିଡିଓ ଛାଡ଼ିଦେବେ'' ବୋଲି ଜଣାଇଥିଲେ ଓ ପ୍ରଥମ କିସ୍ତିର ୪୦ ହାଜର ଟଙ୍କା ବ୍ୟାଙ୍କ ଖାତାକୁ ଆସିଥିଲା। ଦ୍ୱିତୀୟ କିସ୍ତିରେ ୬୫ ହଜାର, ତୃତୀୟ କିସ୍ତିରେ ୨୫ ହଜାର ମିଳିବା ସହିତ ତିନି ମାସ ଭିତରେ ଘର ସଂପୂର୍ଣ୍ଣ କଲେ ଆଉ ୨୨ ହଜାର ୫ ଶହ ଟଙ୍କା ଓ ତିନିମାସ ଭିତରେ ସାରିଲେ ବୋନସ ୨୦ ହଜାର ଟଙ୍କା ଏହିପରି ସର୍ବମୋଟ ୧ ଲକ୍ଷ ୭୨ ହଜାର ୫ ଶହ ଟଙ୍କା ମିଳିବ ବୋଲି ପିଇଓ ଜଣାଇଥିଲେ। ପ୍ରଥମ କିସ୍ତି ଟଙ୍କା ଆସିବା ପରେ ବାକି ଟଙ୍କା ଆଉ ଆସିନଥିଲା। ଏପଟେ ତିନି ମାସ ଭିତରେ ଘରକାମ ସାରିବାକୁ ମାସିକ ୩ ପ୍ରତିଶତ ସୁଧରେ ୧ ଲକ୍ଷ ୫୦ ହଜାର ଟଙ୍କା ଆଣି ଘର କାମ ପୂର୍ଣ୍ଣାଙ୍ଗ କରି ଫଟୋ ସହ ଆବଶ୍ୟକ କାଗଜପତ୍ର ବ୍ଲକ୍‌ରେ ଦାଖଲ କରିଥିଲେ ମଧ୍ୟ ଏ ପର୍ଯ୍ୟନ୍ତ ବୋନସ ସହିତ ଅବଶିଷ୍ଟ ୧ ଲକ୍ଷ ୩୨ ହଜାର ୫ ଶହ ଟଙ୍କା ନ ପାଇ ନିରାଶ ହୋଇପଡ଼ିଛନ୍ତି। ବାରମ୍ବାର ପିଇଓଙ୍କୁ ଭେଟିଥିଲେ ମଧ୍ୟ କିଛି ଲାଭ ହୋଇନାହିଁ। ବିଡିଓଙ୍କୁ ଜଣାଇଛୁ ଟଙ୍କା ମିଳିଯିବ ଓ ପୁଣି ତୁମ ଆକାଉଣ୍ଟକୁ ଆଧାର ଲିଙ୍କ କରାଯିବ କହି ଦିନ ଗଡ଼ାଇ ଚାଲିଛନ୍ତି। ଦୀର୍ଘ ସାତ ମାସ ଧରି ଘରକାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲେ ମଧ୍ୟ ଅବଶିଷ୍ଟ ଟଙ୍କା ନ ପାଇବା ଓ ଦେଢ଼ ଲକ୍ଷ ଟଙ୍କା ସୁଧକୁ ଆଣି ପରିଶୋଧ କରିବା ବାସନ୍ତୀଙ୍କ ପକ୍ଷେ କଷ୍ଟସାଧ୍ୟ ହୋଇପଡ଼ିଛି। ସେ ବିଡିଓଙ୍କ ସମେତ ଉପରିସ୍ଥ ଅଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଯଦି ସେ ଏକମାସ ମଧ୍ୟରେ ଟଙ୍କା ନ ପାଆନ୍ତି ତେବେ ବ୍ଲକ୍ ସମ୍ମୁଖରେ ପରିବାର ସହିତ ଅନଶନରେ ବସିବେ ବୋଲି ଜଣାଇଛନ୍ତି। ଏହି ଘଟଣାରେ ବିଡିଓ ଜିତେନ୍ଦ୍ର କୁମାର ନାୟକ, ମତେ ତାଙ୍କର ସମସ୍ତ କାଗଜପତ୍ର ଦିଅନ୍ତୁ ମୁଁ ଟଙ୍କା ପାଇବାର ବ୍ୟବସ୍ଥା କରିବି ବୋଲି କହିଛନ୍ତି।

କ୍ରୀଡ଼ା ଶିକ୍ଷକଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ଧର୍ମଶାଳା, ୦୨/୫ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ବ୍ଲକ କଦମପାଳ ପଂଚାୟତସ୍ଥ ବୁଢୀ ଜାଗୁଳାଇ ଉଚ୍ଚ ବିଦ୍ୟାଳୟର କ୍ରୀଡା ଶିକ୍ଷକ ଭରତ ଚନ୍ଦ୍ର ମହାନ୍ତି ଚାକିରୀ କାଳରୁ ଅବସର ନେଇଛନ୍ତି । ତାଙ୍କ ଉଦ୍ଦେଶ୍ୟର ବିଦ୍ୟାଳୟ ପରିସରରେ ଏକ ବିଦାୟକାଳୀନ ସମ୍ବର୍ଦ୍ଧନା ସଭା ପ୍ରଧାନଶିକ୍ଷକ ଅକ୍ଷୟ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ମୁଖ୍ୟ ଅତିଥିଭାବେ ଧର୍ମଶାଳା ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ନିକୁଞ୍ଜ ବିହାରୀ ମହାନ୍ତି, ସମ୍ମାନୀତ ଅତିଥି ଭାବେ ପ୍ରାକ୍ତନଶିକ୍ଷକ ତଥା ପ୍ରତିଷ୍ଠାତା ଚିତ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇ ବିଦାୟ ନେଇଥିବା ଶିକ୍ଷକଙ୍କ କର୍ମ ଜୀବନୀ ଓ ଗ୍ରାମବାସୀଙ୍କ ଉଦ୍ଦେଶ୍ୟରେ ସରକାରଙ୍କ ନିୟମ ଧାରାରେ ଶିକ୍ଷକ, ଛାତ୍ରଛାତ୍ରୀ ଓ ଅଭିଭାବକ ମଧ୍ୟରେ ସମନ୍ୱୟ ରହିଲେ ଶିକ୍ଷାନୁଷ୍ଠାନର ଉନ୍ନତି ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଭରତ ଚନ୍ଦ୍ର ପ୍ରଧାନ, ପ୍ରାକ୍ତନ ଶିକ୍ଷାବିତ୍ ବଳରାମ ମହାନ୍ତି, ସମାଜସେବୀ ସନାତନ ପ୍ରଧାନ, କଦମପାଳ ସରପଂଚ ତୃପ୍ତିଲତା ମହାନ୍ତି, ସମିତିସଭ୍ୟ ପ୍ରଶାନ୍ତ କୁମାର ମହାନ୍ତି, ଶରତ ଚନ୍ଦ୍ର ଜେନା, ଶିକ୍ଷକ ପବିତ୍ର ମୋହନ ଜେନା, ଦିଲିପ ଆଏଚ, ଜନ୍ମେଜୟ ସାମଲ, ସୁଶାନ୍ତ କୁମାର ବେହେରା ଓ ପୁରାତନ ଛାତ୍ର ଅଶୋକ କୁମାର ପ୍ରଧାନ ପ୍ରମୁଖ ଯୋଗଦେଇ ବିଦାୟୀ ଶିକ୍ଷକଙ୍କ ଉପରେ ନିଜ ନିଜର ମତ ପ୍ରକାଶ କରିଥିଲେ । ଗ୍ରାମ ମୁରବୀ ଉମାକାନ୍ତ ମହାନ୍ତି, କାହ୍ନୁଚରଣ ମହାନ୍ତି, ଶମ୍ଭୁନାଥ ଜେନା, ବିଜୟ କୁମାର ମହାନ୍ତି, ଗୌତମ ପ୍ରଧାନ ଓ ନିର୍ମଳ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ରହିଥିଲେ ।

ଏହି ଅବସରରେ ବିଦ୍ୟାଳୟ ପକ୍ଷରୁ ବିଦାୟୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । କାର୍ଯ୍ୟକ୍ରମରେ ପଣ୍ଡିତ ସାର ଦେବପାଠ କରିଥିବା ବେଳେ ଶ୍ରୀକାନ୍ତ ବଳସାମନ୍ତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଶେଷରେ ଭରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ସମସ୍ତ ଶିକ୍ଷାକର୍ମଚାରୀ, ଛାତ୍ରଛାତ୍ରୀ ଓ ପୁରାତନ ଛାତ୍ରଛାତ୍ରୀ ସହଯୋଗ କରିଥିଲେ ।

ରଙ୍ଗଣିପାଟଣା ପାଣି ପ୍ରକଳ୍ପକୁ ନେଇ କେଁ: ହେଉନି ବିଦ୍ୟୁତ ସଂଯୋଗ, ମିଳୁନି ପାଣି

ଓଡ଼ଗାଁ, ୦୨/୫ (ନି.ପ୍ର): ଓଡ଼ଗାଁ ବ୍ଲକ୍ ରଙ୍ଗଣିପାଟଣା ଜାମୁସାହି ପାନୀୟ ଜଳ ପ୍ରକଳ୍ପକୁ ନେଇ କେଁ ଦେଖାଦେଇଛି। ପ୍ରକଳ୍ପରେ ବିଦ୍ୟୁତ୍ ସଂଯୋଗ ହୋଇନଥିବାରୁ ଆଜି ଗ୍ରାମବାସୀମାନେ ବିଦ୍ୟୁତ୍ କାର୍ଯ୍ୟାଳୟ ଘେରଉ କରିଥିଲେ। ଏପଟେ ବିଦ୍ୟୁତ୍ ସବ୍‌ଷ୍ଟେସନ ଭୁଶୁଡ଼ିବା ଅବସ୍ଥାରେ ରହିଥିବା ଓ ବିଦ୍ୟୁତ୍ ସଂଯୋଗ ପାଇଁ ଠିକାଦାର ନିୟମ ଅନୁଯାୟୀ କାର୍ଯ୍ୟ କରିନଥିବା ଯନ୍ତ୍ରୀ କହିଛନ୍ତି। ଏଭଳି ସ୍ଥିତିରେ ବିଦ୍ୟୁତ୍ ସଂଯୋଗ ହେଲେ ଆଗକୁ ଭୟଙ୍କର ପରିସ୍ଥିତି ସୃଷ୍ଟି ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ପ୍ରକାଶ ଥାଉକି, ଦୁଇବର୍ଷ ତଳେ ରଙ୍ଗଣିପାଟଣା ଜାମୁସାହିରେ ଏକ ପାନୀୟଜଳ ଯୋଗାଣ ପାଇଁ ବୋରିଂ ଖୋଳାଯାଇଥିଲା। ଲୋକମାନେ ପାନୀୟ ଜଳ ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇ କୋଷକୋଷ ବାଟ ଯାଇ ପାନୀୟଜଳ ସଂଗ୍ରହ କରୁଛନ୍ତି। ବିଦ୍ୟୁତ୍ ଯୋଗାଣ ହେଲେ ଲୋକେ ପାନୀୟ ଜଳ ପାଇପାରିବେ, ସେହି ଦୃଷ୍ଟିରୁ ଆରଡବ୍ଲୁଏସ୍‌ଏସ୍ ଏକ ସବ୍‌ଷ୍ଟେସନ ପାଇଁ ଅନୁଦାନ ପ୍ରଦାନ କରିଛି। ଠିକାଦାର ଟେଣ୍ଡର ନେଇ ଜମିର ଏକ ଖାଲ ସ୍ଥାନରେ ବିଦ୍ୟୁତ୍ ସବ୍‌ଷ୍ଟେସନ ନିର୍ମାଣ କରିଛି। ଏହାର ମୂଳଦୁଆ ଠିକ୍ ନଥିବା ଓ ଚତୁଃପାର୍ଶ୍ୱ ଫାଟି ଆଁ କରି ରହିଥିବା ଦେଖିବାକୁ ମିଳିଛି। କେଉଁ ମୁହୂର୍ତ୍ତରେ ତାହା ଭୁଶୁଡ଼ିବ ତାହା କହିବା କଷ୍ଟକର ବୋଲି ଗ୍ରାମବାସୀ ଅଭିଯୋଗ କରି କହିଛନ୍ତି। ବିଦ୍ୟୁତ୍ ସଂଯୋଗ ପାଇଁ ବିଭାଗ ପକ୍ଷରୁ ୭ ଲକ୍ଷ ୪୭ ହଜାର ଟଙ୍କା ଖର୍ଚ୍ଚ ପାଇଁ ଆରଡବ୍ଲୁଏସ୍‌ଏସ୍ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଥିଲା କିନ୍ତୁ ବିଭାଗକୁ ଚୂନ ଲଗେଇବାକୁ ଯା

ସକାଳେ ନିୟମିତ ପିଅନ୍ତୁ ଜୁଆଣି ପାଣି, କମିବ ମୋଟାପଣ...

ଜୁଆଣି ଖାଇବା ପେଟ ପାଇଁ ବହୁତ ଭଲ। ଜୁଆଣି ପାଣି ପିଇବା ଦ୍ୱାରା ଗ୍ୟାସ୍, ବଦହଜମି, ପେଟ ଯନ୍ତ୍ରଣା ଏବଂ କୋଷ୍ଠକାଠିନ୍ୟ ଦୂର ହୋଇଥାଏ। ଜୁଆଣି ଆୟୁର୍ବେଦିକ ଗୁଣରେ ପରିପୂର୍ଣ୍ଣ । ଜୁଆଣି ପାଣି ସେବନ ଦ୍ୱାରା ଓଜନ ମଧ୍ୟ ନିୟନ୍ତ୍ରଣରେ ରହିପାରେ। ଜୁଆଣିରେ ପ୍ରୋଟିନ୍, ଫ୍ୟାଟ୍, ମିନେରାଲ୍ସ, ଫାଇବର ଏବଂ କାର୍ବୋହାଇଡ୍ରେଟ୍ ରହିଛି। ଏହା ବ୍ୟତୀତ କ୍ୟାଲସିୟମ୍, ଥିଏମାଇନ୍, ରାଇବୋଫ୍ଲାଭିନ, ଫସଫରସ୍, ଆଇରନ୍ ଏବଂ ନିୟାସିନ୍ ମଧ୍ୟ ରହିଛି। ଜୁଆଣି ଖାଇବା ଦ୍ୱାରା ଶରୀରକୁ ଅନେକ ସ୍ୱାସ୍ଥ୍ୟ ସମସ୍ୟାରୁ ରକ୍ଷା ମିଳିଥାଏ। ଜୁଆଣି ପାଣିର କଣ କଣ ଉପକାରିତା ଅଛି ଆସନ୍ତୁ ଜାଣିବା...

କୋଲେଷ୍ଟ୍ରଲକୁ ନିୟନ୍ତ୍ରଣରେ ରଖେ:

ଜୁଆଣିରେ ଆଣ୍ଟି-ହାଇପରଲିପିଡେମିକ୍ ଉପାଦାନ ରହିଛି। ଜୁଆଣି ପାଣି ପିଇବା ଦ୍ୱାରା ଶରୀରର କୋଲେଷ୍ଟ୍ରଲ, କୋଲେଷ୍ଟ୍ରଲ, ଟ୍ରାଇଗ୍ଲେସିରାଇଡ ଏବଂ ମୋଟ ଲିପିଡ କମିଯାଏ। ଏହା ହୃଦୟକୁ ସୁସ୍ଥ ରଖିବାରେ ସାହାଯ୍ୟ କରିଥାଏ।

ମୋଟାପଣ କମ କରିଥାଏ:

ଶରୀରର ଚର୍ବି ବୃଦ୍ଧି ହେତୁ ମେଦବହୁଳତା ସମସ୍ୟା ଦେଖାଦେଇଥାଏ। ମେଦବହୁଳତା ସମସ୍ୟାକୁ ହ୍ରାସ କରିବା ପାଇଁ ଜୁଆଣି ପାଣି ପିଇପାରିବେ। ସକାଳେ ଖାଲି ପେଟରେ ଜୁଆଣି ପାଣି ପିଇ ଓଜନ ସହଜରେ ନିୟନ୍ତ୍ରଣ କରିପାରିବେ।

ଗ୍ୟାସ ସମସ୍ୟାରୁ ମୁକ୍ତି :

ଖରାପ ଜୀବନଶୈଳୀ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ଯୋଗୁଁ ଲୋକଙ୍କ ପେଟରେ ଗ୍ୟାସ ସମସ୍ୟା ଦେଖାଯାଏ। ଯଦି ଆପଣ ମଧ୍ୟ ଗ୍ୟାସ୍ ସମସ୍ୟାରେ ଅସୁବିଧାରେ ପଡ଼ନ୍ତି, ତେବେ ଜୁଆଣି ପାଣି ସେବନ କରିପାରିବେ। ଏହା ଗ୍ୟାସ ଏବଂ ପେଟ ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

ମାସିକ ଋତୁସ୍ରାବ ଯନ୍ତ୍ରଣାରୁ ଆରାମ ଦେଇଥାଏ:

ଜୁଆଣି ପାଣି ପିଇବା ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ପ୍ରମାଣିତ ହୋଇଥାଏ। ଏହା ମାସିକ ଋତୁସ୍ରାବ ସମୟରେ ହେଉଥିବା ପେଟ ଯନ୍ତ୍ରଣାରୁ ଆରାମ ଦେଇଥାଏ।

ରକ୍ତ ସଞ୍ଚାଳନ ଉତ୍ତମ ରଖେ:

ମହିଳାମାନଙ୍କ ଗର୍ଭଧାରଣ ପରେ ଶରୀରରେ ସମାନ ରକ୍ତ ସଞ୍ଚାଳନ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଏ। ଏପରି ପରିସ୍ଥିତିରେ, ଯଦି ଆପଣ ଜୁଆଣି ପାଣି ସେବନ କରନ୍ତି ତେବେ ଏହି ସମସ୍ୟାରୁ ମୁକ୍ତି ପାଇପାରିବେ।

ସାତଟି କାରଣ ପାଇଁ ହୋଇଥାଏ ଡାର୍କ ସର୍କଲ୍ ?

ସାଧାରଣତଃ ଆଖିତଳ ତ୍ୱଚା କୋମଳ ହୋଇଥିବାରୁ କିଛି ଲୋକଙ୍କର ଏଥିରେ କଳାଦାଗ ବା ଡାର୍କ ସର୍କଲ ସମସ୍ୟା ଦେଖାଦେଇଥାଏ। ତେଣୁ ଡାର୍କ ସର୍କଲରୁ ରକ୍ଷା ପାଇବା ପାଇଁ ଆପଣ ବଜାରରେ ଉପଲବ୍ଧ ହେଉଥିବା ବିଭିନ୍ନ କ୍ରୀମ୍, ଘରୋଇ ଉପଚାର ଓ ଅଣ୍ଡର ଆଇ କ୍ରୀମ୍ ବ୍ୟବହାର କରିଥା'ନ୍ତି। ଏଥିପାଇଁ ବିଭିନ୍ନ ପ୍ରକାର ମେଡିସିନ୍ ନଖାଇ ପ୍ରଥମେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ସହିତ ପରାମର୍ଶ କରି ଡାର୍କ ସର୍କଲ ହେବାର ମୂଳ କାରଣ ଜାଣିବା ନିହାତି ଆବଶ୍ୟକ। ତା'ହେଲେ ଆସନ୍ତୁ ଜାଣିବା ଏହି ଡାର୍କ ସର୍କଲ କାହିଁକି ହୋଇଥାଏ ଏବଂ ଏଥିରୁ ରକ୍ଷା ପାଇବା ପାଇଁ କେଉଁସବୁ ଉପାୟ ଆପଣାଇବା ଉଚିତ।

➪ ବୟସ ବଢ଼ିବା ସହିତ ଆଖିତଳର ଚର୍ମ କଳା ପଡ଼ିବାକୁ ଲାଗିଥାଏ। ଏଥିପାଇଁ ନିୟମିତ ଭାବରେ ଭଲ ସନସ୍କ୍ରିନ୍ ଲୋଶନ ବ୍ୟବହାର କରନ୍ତୁ।

➪ ପୋଷଣ ଅଭାବରୁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଶରୀରରେ ଆଇରନ୍‌ର ଅଭାବ ଥିଲେ ଏହାର ଯାଞ୍ଚ କରନ୍ତୁ ଏବଂ ଆଇରନଯୁକ୍ତ ଖାଦ୍ୟ ଖାଆନ୍ତୁ। ଡିହାଇଡ୍ରେସନ କାରଣରୁ ମଧ୍ୟ ଡାର୍କ ସର୍କଲ୍ ସମସ୍ୟା ଦେଖାଦେଇଥାଏ।

➪ ଥାଇରଏଡ୍ ସମସ୍ୟା ଥିଲେ ଆଖିତଳେ କଳାଦାଗ ଦେଖାଦେଇଥାଏ। ଏଥିପାଇଁ ଉଚିତ ସମୟରେ ଏହାର ଚିକିତ୍ସା କରାଇନିଅନ୍ତୁ।

➪ ଆଲର୍ଜି ବା ଔଷଧ ଯୋଗୁଁ ମଧ୍ୟ ଡାର୍କ ସର୍କଲ ହୋଇଥାଏ। ଉଚ୍ଚ ରକ୍ତଚାପ, ମଧୁମେହ ଓ ହାର୍ଟ ରୋଗୀ ଅଧିକ ମାତ୍ରାରେ ମେଡିସିନ୍ ଖାଇଥା'ନ୍ତି। ଡାର୍କ ସର୍କଲ ଏହାର ସାଇଡ୍ ଇଫେକ୍ଟ ଭାବରେ ଦେଖାଦେଇଥାଏ।

➪ ଡାର୍କ ସର୍କଲକୁ ଭଲ କରିବା ପାଇଁ ଓଜନ କମାଇବା ପାଇଁ ଚେଷ୍ଟା କରନ୍ତୁ ନାହିଁ। ଏଥିପାଇଁ ପୋଷ୍ଟିକ ଖାଦ୍ୟ ଖାଆନ୍ତୁ ଏବଂ ସ୍ୱାସ୍ଥ୍ୟ ସହିତ ତ୍ୱଚାର ଯତ୍ନ ନିଅନ୍ତୁ।

➪ ନିଦ ନହେବା ଯୋଗୁଁ ଆଖିତଳେ ଡାର୍କ ସର୍କଲ ଦେଖାଦେଇଥାଏ। ତେଣୁ ଆବଶ୍ୟକ ପରିମାଣରେ ଶୋଇବା ପାଇଁ ଚେଷ୍ଟା କରନ୍ତୁ।

➪ ମେକଅପ୍‌ରେ ଅଧିକ ମାତ୍ରାରେ ହାଇଲାଇଟର୍ ବ୍ୟବହାର କରିବା ଯୋଗୁଁ ମଧ୍ୟ କଳାଦାଗ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ଆବଶ୍ୟକସ୍ଥଳେ ହାଲ୍‌କା ମେକଅପ୍ ଓ କେମିକାଲ୍ କମ୍ ବ୍ୟବହାର କରନ୍ତୁ।

କେଶରେ ଚିନିର ପ୍ରୟୋଗ

ଘନ କେଶ ପ୍ରତି ପ୍ରତ୍ୟେକ ଯୁବତୀ ତଥା ମହିଳାଙ୍କ ଅହେତୁକ ଦୁର୍ବଳତା ରହିଛି । ସୁନ୍ଦର କେଶ ନିମନ୍ତେ ବିଭିନ୍ନ ପ୍ରକାର ଘରୋଇ ଉପଚାର କରିବା ଉଚିତ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ। ବଜାରରେ ଉପଲବ୍ଧ ଅର୍ଗାନିକ୍ ଶାମ୍ପୁ ନଚେତ ଘରୋଇ ଉପାୟରେ ତିଆରି ଶ୍ୟାମ୍ପୁର ପ୍ରୟୋଗ କେଶରେ କରିବା ଉଚିତ । ତେବେ ଆମ ରୋଷେଇଘରେ ବ୍ୟବହୃତ ହେଉଥିବା ଚିନିକୁ ମଧ୍ୟ କେଶ ଚର୍ଚ୍ଚାରେ ପ୍ରୟୋଗ କରିହେବ । ମେହେନ୍ଦୀ ପ୍ୟାକରେ ଅଧ ଚାମଚ ଚିନି ଗୁଣ୍ଡର ପ୍ରୟୋଗ କରି ତାହାକୁ କେଶରେ ଲଗାଇବେ । କେଶର ଘନତ୍ୱ ବଢ଼ିଥାଏ । କେଶରେ ଶ୍ୟାମ୍ପୁ କଲାବେଳେ ଶ୍ୟାମ୍ପୁ କେଶରେ ଲଗାଇବା ପୂର୍ବରୁ ଗୁଣ୍ଡ ଚିନି ଚିମୁଟାଏ ଶ୍ୟାମ୍ପୁରେ ମିଶାଇ କେଶ ସଫା କରନ୍ତୁ । ନିଜେ ହିଁ ଫରକ ଜାଣିପାରିବେ । ତେବେ ହର୍ବାଲ ଶ୍ୟାମ୍ପୁ ଏଥିପାଇଁ ବ୍ୟବହାର କରିବା ଉଚିତ ।

ରୂପା ମୁଦି ପିନ୍ଧିଲେ ବଦଳିପାରେ ଭାଗ୍ୟ

ମୁଦି ପିନ୍ଧିବାକୁ ପ୍ରାୟ ସମସ୍ତେ ଭଲ ପାଆନ୍ତି। ସୁନା, ରୁପା, ହୀରା ଓ ଅନ୍ୟ ଧାତୁନିର୍ମିତ ମୁଦି ସହ ଆଜିକାଲି ବହୁ ଷ୍ଟାଇଲିସ୍ ମୁଦି ମଧ୍ୟ ବଜାରରେ ମିଳୁଛି। ତେବେ ମୁଦି ପିନ୍ଧିବାବେଳେ କିଛି ଦିଗ ଉପରେ ନଜର ଦେଲେ, ଆପଣଙ୍କ ଭାଗ୍ୟ ବଦଳିଯିବାର ସମ୍ଭାବନା ମଧ୍ୟ ରହିଛି। ସବୁପ୍ରକାର ମୁଦିରୁ ଆପଣଙ୍କୁ ଶୁଭଫଳ ପ୍ରାପ୍ତି ହେବ ନାହିଁ। ଶାସ୍ତ୍ର ଅନୁସାରେ, ରୂପା ମୁଦି ପିନ୍ଧିବା ଦ୍ୱାରା ଆପଣଙ୍କୁ ସଫଳତା ମିଳିପାରିବ। ଆସନ୍ତୁ ଜାଣିବା, ରୁପା ମୁଦି ପିନ୍ଧିବା ଓ ରୂପା ପାତ୍ର ବ୍ୟବହାର ଦ୍ୱାରା କିପରି ଭାଗ୍ୟ ବଦଳିଯାଏ।

♦ ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ରୂପା'ର ସମ୍ପର୍କ ବୃହସ୍ପତି ଏବଂ ଚନ୍ଦ୍ରଙ୍କ ସହ ରହିଛି ।

♦ ଶାସ୍ତ୍ର ଅନୁସାରେ, ରୂପା ଧନବୃଦ୍ଧି ସହ ଭାଗ୍ୟ ପରିବର୍ତ୍ତନରେ ମଧ୍ୟ ସହାୟକ ହୋଇଥାଏ।

♦ କୁହାଯାଏ, ରୂପା ମୁଦି ପିନ୍ଧିଲେ,ଏହା ଆପଣଙ୍କ ଶରୀରରେ ଥିବା ବିଷାକ୍ତ ପଦାର୍ଥକୁ ନଷ୍ଟ କରିଦିଏ।

♦ ଏହାଦ୍ୱାରା ସ୍ୱାସ୍ଥ୍ୟାଗତ ସମସ୍ୟା ମଧ୍ୟ ଦୂର ହୋଇଥାଏ।

ଘରେ ବନାନ୍ତୁ ସୁଆଦିଆ 'ରାଜମା କଷା'

ଆପଣ ଡାଲି ବା ବୁଟର ବିଭିନ୍ନ ରେସିପି ଘରେ ବନେଇ ଖାଇଥିବେ । ଆଜି ଆମେ ଏକ ନିଆରା ଓ ସୁଆଦିଆ ରେସିପି ତିଆରି କରିବୁ । ଏହି ରେସିପିଟିର ନାଁ ହେଉଛି 'ରାଜମା କଷା' । ଖାଇବା ପ୍ରିୟ ଲୋକଙ୍କ ପାଇଁ ଆମେ ଆଣିଛୁ ରାଜମା କଷାର ପ୍ରସ୍ତୁତ ପ୍ରକ୍ରିୟା। ଏହା ରାନ୍ଧିବା ଯେତେ ସହଜ ଓ ସୁଆଦିଆ ମଧ୍ୟ । ଘରେ ଏହାକୁ ପ୍ରସ୍ତୁତ କରନ୍ତୁ ଓ ପରିବାର, ସାଙ୍ଗସାଥୀଙ୍କ ସହ ଖାଇବାର ମାଜା ନିଅନ୍ତୁ।

ଆଜି ଆମେ ନିରାମିଷରେ ଏକ ସ୍ୱାଦିଷ୍ଟ ରେସିପି ପ୍ରସ୍ତୁତ କରିବୁ । ଏହି ରେସିପିର ନାଁ ହେଉଛି 'ରାଜମା କଷା'। ଏହି ରେସିପିଟିକୁ ଆପଣ ଘରେ ଅତି ସହଜ ଓ ସରଳ ଭାବେ ବନେଇ ପାରିବେ । ତେବେ ଚାଲନ୍ତୁ ଜାଣିବା ଏହାକୁ କିଭଳି ପ୍ରସ୍ତୁତ କରାଯାଏ ।

ଆବଶ୍ୟକ ସାମଗ୍ରୀ:

ରାଜମା ୨୫୦ ଗ୍ରାମ, ପିଆଜ ୨ଟି, ଅଦା ଅଳ୍ପ, ରସୁଣ ଗୋଟେ ବୁଦା, ଟମାଟୋ ୧ଟି, ଲୁଣ, ହଳଦି, କଞ୍ଚାଲଙ୍କା, ତେଲ, ମେଥିପତ୍ର ଅଳ୍ପ, ଧନିଆ ପତ୍ର ଅଳ୍ପ।

♦ରାଜମାକୁ ୨ ଘଣ୍ଟା ପର୍ଯ୍ୟନ୍ତ ପାଣିରେ ପକାନ୍ତୁ। ଟିକେ ବତୁରିଲା ପରେ ଅଳ୍ପ ସିଝାଇ ଦିଅନ୍ତୁ।

♦ପିଆଜକୁ ଛୋଟ ଛୋଟ କରି କାଟନ୍ତୁ। ଅଦା, ରସୁଣକୁ ବାଟି ରଖନ୍ତୁ। କଡାଇ ବସାଇ ତେଲ ପକାନ୍ତୁ।

♦ତେଲ ଗରମ ହେଲେ ପିଆଜ କଟାକୁ ପକାଇ ଭାଜନ୍ତୁ।

♦ଟିକେ ଲାଲ ହେଲେ ଅଦା, ରସୁଣ ବଟା ପକାଇ ଘାଣ୍ଟନ୍ତୁ।

♦ଏହାପରେ ଲୁଣ, ହଳଦି ପକାନ୍ତୁ। ମସଲା କଷି ହେଲା ବେଳକୁ ଟମାଟୋକୁ କାଟି ମସଲା ଗୋଳାଇ ଦିଅନ୍ତୁ।

♦ଅଳ୍ପ ସମୟ ପରେ ରାଜମାକୁ ମସଲାରେ ପକାଇ ଗୋଳାଇ ଦିଅନ୍ତୁ ଏବଂ ଅଳ୍ପ ପାଣି ଦେଇ ୫ ମିନିଟ୍ ପର୍ଯ୍ୟନ୍ତ ଘୋଡାଇ ଦିଅନ୍ତୁ। ଯେପରି ମସଲା ରାଜମା ସାଙ୍ଗରେ ଲାଗିକି ରହେ।

♦୫ ମିନିଟ୍ ପରେ ଘୋଡଣି ବାହାର କରି କଞ୍ଚାଲଙ୍କା କାଟି ସେଥିରେ ପକାନ୍ତୁ।

♦ଏହାପରେ ମେଥିପତ୍ର ଏବଂ ଧନିଆ ପତ୍ର କାଟି ପକାନ୍ତୁ।

♦ଏବେ ପ୍ରସ୍ତୁତ ହୋଇଗଲା ସୁଆଦିଆ 'ରାଜମା କଷା' । ଏହି ରେସିପିଟିକୁ ରୁଟି ସହିତ ଖାଇଲେ ବେଶୀ ସୁଆଦିଆ ଲାଗିଥାଏ । ଏହି ରେସିପିଟିକୁ ଘରେ ବନେଇ ନିଜେ ଖାଆନ୍ତୁ ଓ ଘର ଲୋକଙ୍କୁ ପରଷନ୍ତୁ ।

ଶୟନ କକ୍ଷରେ ଶାନ୍ତି ନିମନ୍ତେ ଆପଣାନ୍ତୁ ଉପାୟ

ଘରର ଏକ ପ୍ରମୁଖ ସ୍ଥାନ ଶୟନକକ୍ଷ । କାରଣ, ଏଠାରେ ସାରାଦିନର ବ୍ୟସ୍ତତା ପରେ ମଣିଷ ବିଶ୍ରାମ କରିଥାଏ । ଯେତେ ସୁନ୍ଦର କକ୍ଷ ଘର ଭିତରେ ଥିଲେ ମଧ୍ୟ ନିଜ ଶୟନକକ୍ଷ ଅତି ଆପଣାର ଲାଗେ । ହେଲେ ଅନେକ ଥର ଦେଖାଯାଏ, ଶୟନକକ୍ଷ ତଥା ପଲଙ୍କ ବାସ୍ତୁର ବିପରୀତ ଦିଗରେ ଥିଲେ ଏହାର ପ୍ରଭାବ ମଣିଷର କାର୍ଯ୍ୟକ୍ଷମତା ତଥା ଦାମ୍ପତ୍ୟ ଜୀବନ ଉପରେ ପଡ଼େ । ତେଣୁ ବାସ୍ତୁ ଅନୁସାରେ ଶୟନ କକ୍ଷରେ ସାମାନ୍ୟ ପରିବର୍ତ୍ତନ ଆଣିଲେ ଏହା ଜୀବ ନରେ ଶାନ୍ତି ଭରିଦେଇପାରେ । ଶୟନ କକ୍ଷରେ ଝରକା ତ ନିଶ୍ଚୟ ରହି ବା ଦରକାର । ସକାଳ ସୂର୍ଯ୍ୟକିରଣ ଶୟନକକ୍ଷରେ ପ୍ରବେଶ କରିବା ସ୍ୱାସ୍ଥ୍ୟ ପକ୍ଷେ ହିତକର । ତେବେ ମୁଖ୍ୟଦ୍ୱାର ଦିଗକୁ ଗୋଡ଼ କରି ଶୁଅନ୍ତୁ ନାହିଁ । ପଲଙ୍କ ସମ୍ମୁଖରେ ମଧ୍ୟ ଦର୍ପଣ ରଖିବା ମନା । ଏହା ମନ ବିଚଳିତ କରେ । ପତି-ପତ୍ନୀଙ୍କ ପ୍ରତୀକ ଭାବେ ଦୁଇଟି ସୁନ୍ଦର ଫୁଲଦାନି ଶୟନକକ୍ଷରେ ରଖନ୍ତୁ । ଏହାଦ୍ୱାରା ବୈବାହିକ ଜୀବନ ସୁଖମୟ ହେବ । ଯଦି ଆର୍ଥିକ ସ୍ଥିତି ଯୋଗୁ ଦାମ୍ପତ୍ୟରେ ସମସ୍ୟା ହେଉଛି ତେବେ ଏକ ସୁନ୍ଦର ପାତ୍ରରେ ଚାଉଳ ଦାନା ସହ ପବିତ୍ର କ୍ରିଷ୍ଟାଲ ରଖନ୍ତୁ । ପଲଙ୍କ ଦକ୍ଷିଣ ଦିଗକୁ ରଖନ୍ତୁ ଯେପରିକି ଶୋଇବା ସମୟରେ ମୁଣ୍ଡ ଉତ୍ତର ଦିଗକୁ ରହିବ । ଏପରି ହୋଇନପାରିଲେ ପଶ୍ଚିମ ଦିଗରେ ପଲଙ୍କ ରଖାଯାଇପାରେ ଏବଂ ଶୋଇଲା ବେଳେ ମୁଣ୍ଡ ପୂର୍ବଦିଗକୁ ରଖିବେ । ଘରର ମୁଖ୍ୟ ଶୟନ କକ୍ଷ ନୈରତ (ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ) କୋଣରେ ହେବା ଜରୁରୀ । ଶୟନକକ୍ଷର ଦକ୍ଷିଣ-ପଶ୍ଚିମ ଭାଗରେ କାଚ କିମ୍ବା ସେରାମିକ୍ ପାତ୍ରରେ ଛୋଟଛୋଟ ପଥର ବା କ୍ରିଷ୍ଟାଲ ପକାଇ ଲାଲ ରଙ୍ଗର ଦୁଇଟି ମହମବତି ଜଳାନ୍ତୁ । ଏହା ସକାରାତ୍ମକ ଶକ୍ତି ପ୍ରବାହରେ ସହାୟକ ହେବ । ସେରାମିକ୍ ୱିଣ୍ଡ ଚାଇମ୍ସ ବି ବ୍ୟବହାର କରିପାରିବେ । ତେବେ ଶୟନକକ୍ଷରେ ଯେପରି ଅଳିଆ ଜମା

ନହୁଏ ଏବଂ କୌଣସି ଧୂଳି ଧୂସରିତ ବସ୍ତୁତ ନରହେ, ସେଥିପ୍ରତି ସତର୍କ ରହିବେ । ଝରକା ସାମ୍ନାରେ ଡ୍ରେସିଂ ଟେବୁଲ ରଖିବେନି କିମ୍ବା କୌଣସି ଫର୍ଣ୍ଣିଚର ଯେପରି ଧନୁ, ଅର୍ଦ୍ଧଚନ୍ଦ୍ର କିମ୍ବା ବୃଦ୍ଧାକାର ନହୁଏ- ସେଥିପ୍ରତି ଦୃଷ୍ଟି ଦେବେ । ଏପରି ହେଲେ ପରିବାର ସଦସ୍ୟଙ୍କ ସ୍ୱାସ୍ଥ୍ୟ ଭଲ ରହିବ ନାହିଁ । ଶୟନକକ୍ଷରେ ଲାଲ କିମ୍ବା ଗୋଲାପୀ ରଙ୍ଗର ବ୍ୟବହାରକୁ ଗୁରୁତ୍ୱ ଦେବେ । ସୁନ୍ଦର ପକ୍ଷୀମାନଙ୍କର ଛୋଟ ଯୋଡ଼ି ଶୟନକକ୍ଷରେ ରଖନ୍ତୁ । ଏଥିରେ ଦାମ୍ପତ୍ୟ ଜୀବନ ସୁଖଦ ରହିବ । ପାଣି ବା ଜଳପ୍ରପାତ ଥିବା ଫଟୋ ଆଦୌ ରଖନ୍ତୁ ନାହିଁ ।

ଓଜନ ବଢ଼ାଇବା ସହ ଚର୍ମ ସମସ୍ୟା, ଦନ୍ତ ସମସ୍ୟା ବଢ଼ାଇଥାଏ ସ୍ନାକ୍-ଫୁଡ୍

ଚକ୍‌ଲେଟ୍, ଚିପ୍‌ସ, କାଣ୍ଡିଜ୍ ଏବଂ ସମସ୍ତ ପ୍ରକାରର ମୃଦୁ ପାନୀୟର ପୁଷ୍ଟି-ଦାୟକ ମୂଲ୍ୟ କିଛି ନାହିଁ । ଏହା ନିର୍ଦ୍ଦିଷ୍ଟ ଭାବେ ପ୍ରମାଣିତ । ଏସବୁ ସ୍ନେହସାର, ଲବଣ ଶର୍କରା, ବିଭିନ୍ନ ପ୍ରକାର ରଙ୍ଗ ଏବଂ ଅନ୍ୟ କୃତ୍ରିମ ରାସାୟନିକରେର ଭରପୂର । ଏସବୁକୁ 'ସ୍ନାକ୍-ଫୁଡ୍' କୁହାଯାଏ । ଏସବୁ ଖାଇବା ଦ୍ୱାରା ଓଜନ ବଢ଼ିବା ସହ ଚର୍ମଜନିତ ସମସ୍ୟା, ଦାନ୍ତ ରୋଗ ଦେଖାଯାଏ । କର୍କଟ ଓ ହୃଦ୍‌ରୋଗର ଆଶଙ୍କା ମଧ୍ୟ ବଢ଼େ । ଛେନା, ମଞ୍ଜି, କମଳା, ଅଙ୍ଗୁରର, କିସମିସ, ଲେମ୍ବୁ-ପାଣି, ଶୁଷ୍କ ଫଳ, ନଟ୍‌ସ, ଗାଜର ଓ ସେଓ ଅଧିକ ଖାଆନ୍ତୁ । ଚକ୍‌ଲେଟ୍, ବିସ୍କିଟ୍, ଚିପ୍‌ସ, ମିଲ୍‌କ ସେକ୍, ପପ୍-କର୍ନ, ମଫିନ୍, କୋଲା ଓ ଅନ୍ୟ ସମସ୍ତ ମୃଦୁ ପାନୀୟ, ଆଇସ୍-ଲସି କ୍ରିଏସାଣ୍ଟ, ସମସ୍ତ ପିଜା ଓ ବର୍ଗରଠାରୁ ଦୂରେଇ ରହନ୍ତୁ ।

ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

ସଂରକ୍ଷଣର ସ୍ଥାୟୀତ୍ୱ...

ଅନୁସୂଚୀତ ଜାତି (ଏସ୍‌ସି), ଅନୁସୂଚୀତ ଜନଜାତି (ଏସ୍‌ଟି) ଏବଂ ଅନ୍ୟାନ୍ୟ ପଛୁଆ ଶ୍ରେଣୀ (ଓବିସି) ସମ୍ପ୍ରଦାୟମାନଙ୍କ ନିମନ୍ତେ ଚାକିରି ଓ ଶିକ୍ଷାନୁଷ୍ଠାନଗୁଡ଼ିକରେ ନାମଲେଖାରେ ସ୍ଥାନ ସଂରକ୍ଷଣକୁ ନେଇ ଦୀର୍ଘ କାଳ ଧରି ରହି ଆସିଥିବା ରାଜନୀତିକ ଦଳମାନଙ୍କ ମଧ୍ୟରେ ମଉନ ସହମତି ବର୍ତ୍ତମାନ ସଂଘ ପରିବାରର ବିଭିନ୍ନ ଶାଖାଗୁଡ଼ିକ ମାଧ୍ୟମରେ ଖୋଲାଖୋଲି ଚର୍ଚ୍ଚାକୁ ଆସିଥିବା ଏବଂ ସେମାନେ ଏହି ଧାରଣା ସପକ୍ଷରେ ଏକ ସକାରାତ୍ମକ କାର୍ଯ୍ୟାନୁଷ୍ଠାନକୁ ସମର୍ଥନ କରୁଥିବା ମନେହୁଏ । ସମୟ ଉପଗତ ହୋଇଛି, ଯେଉଁ ଲୋକମାନଙ୍କୁ ଏହା ଜାତୀୟ ମୁଖ୍ୟସ୍ରୋତକୁ ଆଣିବାକୁ ଚାହୁଁଛି, ସେମାନେ ତାହା କରିବାକୁ ସକ୍ଷମ ହେବା ନେଇ ସୁନିଶ୍ଚିତ କରିବା ପାଇଁ ଏକ ରାଷ୍ଟ୍ର ଭାବରେ ଭାରତ ସ୍ଥାନ ସଂରକ୍ଷଣଠାରୁ ଆଗକୁ ଯିବା ପାଇଁ କିଛି ଉପାୟ ଚିନ୍ତା କରିବା ଉଚିତ । ସମ୍ପ୍ରତି ଦେଶରେ ଅଷ୍ଟମ ଲୋକସଭା ନିର୍ବାଚନ ନିମନ୍ତେ ରାଜନୀତିକ ଦଳମାନଙ୍କର ପ୍ରଚାର ଅଭିଯାନ ଶିଖର ଦେଶରେ ପହଞ୍ଚୁଛି । ଇତି ମଧ୍ୟରେ ନିର୍ବାଚନର ଦୁଇ ଗୋଟି ମତଦାନ ପର୍ଯ୍ୟାୟ ମଧ୍ୟ ଶେଷ ହୋଇ ସାରିଲାଣି । ଏହି ଅବସରରେ ସ୍ଥାନ ସଂରକ୍ଷଣ ପ୍ରସଙ୍ଗ ସାମ୍ନାକୁ ଆସିବା- ଏବଂ ତାହା ପୁଣି ସଂଘ ପରିବାର ଦ୍ୱାରା– ସମ୍ଭବତଃ ରାଜନୀତିକ ବାଧ୍ୟବାଧକତା ଯୋଗୁଁ ହୋଇଥାଇପାରେ ଯେଉଁଥିପାଇଁ ଏହା ନିର୍ବାଚନ ପ୍ରଚାର କାଳରେ ଏହି ଧାରଣାକୁ ଖୋଲାଖୋଲି ସମର୍ଥନ କରିଛନ୍ତି । ସୂଚାଇ ଦିଆଯାଇପାରେ କି, କଂଗ୍ରେସ ନେତା ରାହୁଲ ଗାନ୍ଧୀ ନିର୍ବାଚନ ପ୍ରଚାର ସମୟରେ ଅଭିଯୋଗ ଉଠାଇଛନ୍ତି ଯେ ବିଜେପି ୪୦୦ ଆସନରେ ବିଜୟ ଲାଭ କରିବାକୁ ଚାହୁଁଛି, କାରଣ ଏହି ସଂଖ୍ୟାକୁ ଛୁଇଁଲେ ଦଳ ନିର୍ବିଘ୍ନରେ ସମ୍ବିଧାନ ସଂଶୋଧନ କରି ପାରିବ ଏବଂ ଦେଶରୁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଉଠାଇ ଦେବ । ଆଉ ଶ୍ରୀଯୁକ୍ତ ଗାନ୍ଧୀଙ୍କ ଏହି ଅଭିଯୋଗ ଉପରେ ପ୍ରତିକ୍ରିୟା ପ୍ରକାଶ କରିବାକୁ ଯାଇ ବରିଷ୍ଠ ବିଜେପି ନେତା ତଥା କେନ୍ଦ୍ର ମନ୍ତ୍ରୀ ଅମିତ୍ ଶାହ 'ମୋଦୀ ଗ୍ୟାରେଣ୍ଟି'ଗୁଡ଼ିକ ଭିତରେ ଏସ୍‌ସି, ଏସ୍‌ଟି ଏବଂ ଓବିସିମାନଙ୍କ ପାଇଁ ସ୍ଥାନ ସଂରକ୍ଷଣକୁ ତାଲିକାଭୁକ୍ତ କରିଛନ୍ତି । ସେ କହିଛନ୍ତି ଯେ ତାଙ୍କ ଦଳ ଏହି ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ଭାବରେ ଉଚ୍ଛେଦ କରିବ ନାହିଁ କି ଅନ୍ୟ କାହାକୁ ସେପରି କରିବାକୁ ଦେବନାହିଁ । ଗତ ଥର ଦଳ ଏକକ ସଂଖ୍ୟା ଗରିଷ୍ଠତା ଲାଭ କରିଥିଲେ ସୁଦ୍ଧା ଶ୍ରୀଯୁକ୍ତ ଗାନ୍ଧୀ ଯେପରି କହିଛନ୍ତି, ସେପରି କରିବାକୁ କେବେହେଲେ ଉଦ୍ୟମ କରିନାହିଁ ବୋଲି ପ୍ରକାଶ କରିଥିଲେ ଶ୍ରୀଯୁକ୍ତ ଶାହ । ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ (ଆରଏସ୍‌ଏସ୍) ମୁଖ୍ୟ ମୋହନ ଭାଗବତ ମଧ୍ୟ ଏକଥା ସ୍ପଷ୍ଟ କରି ଦେଇଛନ୍ତି ଯେ ତାଙ୍କ ସଂଗଠନ କେବେହେଁ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ବିରୋଧ କରିନାହିଁ, ବରଂ ଏହା ଉପରେ ଗୁରୁତ୍ୱାରୋପ କରି ଆସିଛି କି ଯେ ପର୍ଯ୍ୟନ୍ତ ପକ୍ଷପାତିତାପୂର୍ଣ୍ଣ ଅବସ୍ଥା ବଜାୟ ରହିଥବ, ସେ ପର୍ଯ୍ୟନ୍ତ ଏହି ବ୍ୟବସ୍ଥା ଚାଲୁ ରହିବ । ସେ ମଧ୍ୟ ସେହି ଭାଇରାଲ ହୋଇଥିବା ଭିଡିଓ ସମ୍ପର୍କରେ ଉଲ୍ଲେଖ କରିଛନ୍ତି ଯେଉଁଥରେ ସେ ସ୍ଥାନ ସଂରକ୍ଷଣ ବ୍ୟବସ୍ଥାର ବିରୋଧ କରୁଥିବାକୁ ଉଦ୍ଦେଶ୍ୟମୂଳକ ଭାବରେ କଦର୍ଥ କରି ପ୍ରଦର୍ଶନ କରାଯାଉଛି । ସ୍ଥାନ ସଂରକ୍ଷଣ ସମ୍ପର୍କିତ ଏପରି ଆଲୋଚନା ନିର୍ବାଚନ କାଳରେ ଅଧିକ ବିସ୍ତାରିତ ହେବା ପଛରେ ରହିଛି 'ଇଣ୍ଡିଆ' ମେଣ୍ଟର ନେତାମାନେ ଏକ ଜାତିଗତ ଜନଗଣନା କରିବା ପ୍ରସଙ୍ଗ ଉଠାଇବା ପରେ, ଯାହା ମଧ୍ୟ ଲୋକମାନଙ୍କ ନିକଟରେ ରହିଥିବା ଧନ ସମ୍ପତ୍ତି ସମ୍ପର୍କରେ ଏକ ବିବରଣୀ ଗ୍ରହଣ କରିବ । ଆହୁରି ମଧ୍ୟ ସମ୍ପଦର ପୁନର୍ବଣ୍ଟନ କରାଯିବା ସମ୍ପର୍କରେ ଏକ ଆଲୋଚନା ଚାଲିଛି, ଯେଉଁଥରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଚକକୁ ଟିକେ ଘୂରାଇ ଦେଇଛନ୍ତି । ସେ ଉପା ସରକାରରେ ପ୍ରଧାନମନ୍ତ୍ରୀ ଥିବା ଡକ୍ଟର ମନମୋହନ ସିଂହଙ୍କ ୨୦୦୮ ମସିହାର ଏକ ଭାଷଣର ତର୍ଜମା କରି କହିଛନ୍ତି ଯେ ଲୋକମାନଙ୍କ ସମ୍ପତ୍ତିର ବିବରଣୀ ଜାଣିବା ପରେ କଂଗ୍ରେସ ଅଧିକ ସମ୍ପତ୍ତି ଥିବା ଲୋକଙ୍କଠାରୁ ଏହାକୁ ଛଡ଼ାଇ ନେବ ଏବଂ ତାକୁ ମୁସଲମାନମାନଙ୍କ ମଧ୍ୟରେ ବଣ୍ଟନ କରିଦେବ । ଦେଶ ସ୍ୱାଧୀନ ହେବାକୁ ୭୫ ବର୍ଷ ପୁରି ସାରିଲାଣି । ଇତି ମଧ୍ୟରେ ସମାଜର ନିମ୍ନ ସ୍ତରରେ ରହିଥିବା ଲୋକମାନଙ୍କୁ ଉପରକୁ ଉଠାଇବାକୁ ବିଭିନ୍ନ ପ୍ରକାରର ପଦକ୍ଷେପ ନିଆଯାଇ ସାରିଛି । ତଥାପି ଭାରତ ବିଶ୍ୱର ଏମିତି ଏକ ଦେଶ ହୋଇ ରହିଛି, ଯେଉଁଠି ପିରାମିଡ୍‌ର ଶୀର୍ଷ ଦେଶରେ ରହିଥିବା ଜନସଂଖ୍ୟାର ଏକ ପ୍ରତିଶତଙ୍କ ନିକଟରେ ଠୁଳ ହୋଇ ରହିଛି ଜାତୀୟ ସମ୍ପତ୍ତିର ୪୦ ପ୍ରତିଶତ । ଏଇ ଦେଶରେ ଅଭୂତପୂର୍ବ ହାରରେ ଅର୍ଥନୀତିକ ଅସମାନତା ବଢ଼ି ବଢ଼ି ଚାଲିଛି ଏବଂ ବେକାରୀ ହେଉଛି ଏମିତି ଏକ ଅବସ୍ଥା ଯାହା ଅନେକଙ୍କ ଚିନ୍ତାର କାରଣ ପାଲଟିଛି । ସାମ୍ପ୍ରତିକ ନିର୍ବାଚନ ପରିବେଶରେ ଏଇ ଚିନ୍ତାଗୁଡ଼ିକ ଲୋକଙ୍କ ମୁଣ୍ଡକୁ ଘାରି ଚାଲିଛି । ପରନ୍ତୁ, ଭୋଟରମାନେ ଏସବୁ ବାବଦରେ ପ୍ରଚାର କାର୍ଯ୍ୟକ୍ରମଗୁଡ଼ିକରେ କୌଣସି ପ୍ରକାରର ଆଲୋଚନା ଦେଖିବାକୁ ପାଉ ନାହାନ୍ତି, ଯେଉଁଗୁଡ଼ିକ ଦେଶ ଏକ ଅର୍ଥନୀତିକ ମହାଶକ୍ତି ଭାବରେ ଉଭା ହେବା ନିମନ୍ତେ ଯଥେଷ୍ଟ ମହତ୍ତ୍ୱ ରଖନ୍ତି । ମଜାର କଥା ହେଉଛି, ବିଜେପି ଏସବୁରୁ କୌଣସିଟି ପ୍ରସଙ୍ଗ ଉଠାଉ ନଥିଲା । କିନ୍ତୁ ଯେତେବେଳେ ବିରୋଧୀ ଶିବିରରୁ ସମ୍ପଦର ପୁନର୍ବଣ୍ଟନ ସମ୍ପର୍କିତ ଆଲୋଚନା ଜୋର୍ ଧରିବାକୁ ଆରମ୍ଭ କଲା, ବିଜେପି ସେତେବେଳେ ଏସବୁ ସମ୍ପର୍କରେ ପ୍ରଗଲ୍‌ଭ ହୋଇ ଉଠିଲା । ସ୍ଥାନ ସଂରକ୍ଷଣ ବ୍ୟବସ୍ଥାକୁ ଏଇଥପାଇଁ ଏକ ସାଧନ ଭାବରେ ସନ୍ନିବେଶିତ କରାଯାଇଥିଲା ଯେ ଜନସଂଖ୍ୟାର ପାତର ଅନ୍ତରର ଶିକାର ହୋଇଥିବା ଏକ ବିପୁଳ ସଂଖ୍ୟକ ଲୋକ ଦେଶର ସମ୍ପଦର ସେମାନଙ୍କ ଅଂଶ ଲାଭ କରନ୍ତୁ; ସେଗୁଡ଼ିକୁ ଏକ ସମ୍ପଦ ଆବଣ୍ଟନ ବ୍ୟବସ୍ଥା ଭାବରେ ଧରି ନିଆଯାଇ ନଥିଲା । ଏକଥା ସ୍ୱାଗତଯୋଗ୍ୟ ଯେ ବର୍ତ୍ତମାନ ଏହି ଅବଧାରଣା ଏକ ସାର୍ବଜନୀନ ଗ୍ରହଣୀୟତା ଲାଭ କରିଛି ; ଏହି ଆଲୋଚନାକୁ ଆଗେଇ ନେବା ହୁଏତ ଏପରି ଏକ ଅବସ୍ଥା ଦିଗରେ ପଥ କଢ଼ାଇ ନେବ ଯେଉଁଠି ବଢ଼ି ଚାଲିଥିବା ଲୋକମାନଙ୍କ ଆୟର ଅସମାନତାକୁ ରୋକିବା ନିମନ୍ତେ ପଦକ୍ଷେପଗୁଡ଼ିକୁ ନିଆଯିବାରେ ସବୁ ରାଜନୀତିକ ଦଳଙ୍କ ମଧ୍ୟରେ ସହମତି ପ୍ରକାଶ ପାଇବ ।

ସମ୍ବାଦପତ୍ର, ସାମ୍ବାଦିକ ଓ ମହାତ୍ମା

ଅକ୍ଷୟ କୁମାର ରାଉତ

ସମ୍ବାଦପତ୍ର ଆଧୁନିକ ସଭ୍ୟତାର ଏକ ପ୍ରଧାନ ଅଙ୍ଗ, ପ୍ରତିଦିନ ପୃଥିବୀର ବିଭିନ୍ନ ସ୍ଥାନରେ ନାନା ଘଟଣା ଘଟୁଛି । ସେ ବନ୍ୟା କି ମରୁଡି, ଯୁଦ୍ଧ କି ଶାନ୍ତି, ବିଜ୍ଞାନ କି ଦର୍ଶନ, ଦୁଃଖ କି ସୁଖ, ଗଣତନ୍ତ୍ର କି ରାଜତନ୍ତ୍ର, ସାମ୍ୟବାଦ କି ପୁଞ୍ଜିବାଦ, ଏକଛତ୍ରବାଦ କି ସାମରିକ ଶାସନ, ରାଜନୈତିକ ପତନ କି ଉତ୍ଥାନ ଏ ସବୁ ବିବରଣୀ ଲୋକମାନଙ୍କ ପାଖରେ ପହଁଚାଇବାର କାର୍ଯ୍ୟ ସାମ୍ବାଦିକମାନେ ସମ୍ବାଦପତ୍ର, ବେତାର ଓ ଦୂରଦର୍ଶନ ମାଧ୍ୟମରେ ପ୍ରକାଶ କରିଥାଆନ୍ତି । ଭାରତବର୍ଷ ଓ ଅନ୍ୟାନ୍ୟ ପ୍ରାଚ୍ୟ ଦେଶଗୁଡିକଠାରୁ ପାଶ୍ଚାତ୍ୟ ଦେଶରେ ସମ୍ବାଦପତ୍ର ପାଠକଙ୍କ ସଂଖ୍ୟା ବହୁତ ବେଶୀ ।

ସମ୍ବାଦ ବା ଖବରକୁ ନ୍ୟୁଜ୍ କୁହାଯାଏ । ଏହି ଶବ୍ଦର ଅକ୍ଷରଗୁଡିକୁ ଲକ୍ଷ୍ୟକଲେ ଚାରି ଦିଗର ସଙ୍କେତ ବୁଝାପଡେ । 'ଘ' ଅକ୍ଷରଟି **North** ବା ଉତ୍ତର ଦିଗ, 'ର' ଅକ୍ଷରଟି **East** ବା ପୂର୍ବ ଦିଗର ପ୍ରତୀକ, 'ଡ' ବର୍ଣ୍ଣଟି ପଶ୍ଚିମ ଦିଗ ବା **West** ବୁଝାପଡେ । ସେହିପରି ଦକ୍ଷିଣ ଦିଗ ସ୍ଥାନରେ ଝ ବା **South** କୁ ବୁଝାଯାଏ । ଏଥିରୁ ସ୍ପଷ୍ଟ ଅନୁମେୟ ଚାରିଦିଗର କଥା ସମ୍ବାଦପତ୍ର ମାଧ୍ୟମରେ 'ଖବର' ରୂପେ ପ୍ରକାଶ ପାଏ ।

ଆଧୁନିକ ଯୁଗରେ ସମ୍ବାଦପତ୍ର ପାଠ କରିବା ବହୁ ବ୍ୟକ୍ତିଙ୍କର ଅଭ୍ୟାସରେ ପରିଣତ ହୋଇପଡିଛି । ଚା, ପାନ ପରି ସମ୍ବାଦପତ୍ର ପଢ଼ିବା ଏକ ନିଶାରେ ପରିଣତ ହୋଇଅଛି । ନିଶା ଦ୍ରବ୍ୟ ସେବନ କ୍ଷତିକାରକ କିନ୍ତୁ ସମ୍ବାଦପତ୍ର ପାଠ ଲୋକମାନଙ୍କର ହିତ ସାଧନ କରେ । କୃଷକମାନେ କୃଷି ସମ୍ବନ୍ଧରେ ଓ କ୍ରୀଡାପ୍ରେମୀମାନେ କ୍ରୀଡା ବିଷୟରେ ଆବଶ୍ୟକ ବିବରଣୀ ପାଇପାରନ୍ତି । ଛାତ୍ରମାନେ ଜ୍ଞାନ ଆହରଣ କରିବା ସଙ୍ଗେସଙ୍ଗେ ପରୀକ୍ଷା ସମ୍ପର୍କରେ ବିଭିନ୍ନ କଥା ଅବଗତ ହୋଇଥାଆନ୍ତି । ପାଠକ ପାଠିକା ସାହିତ୍ୟ ପ୍ରେମୀମାନେ ଗଳ୍ପ, କବିତା, ପ୍ରବନ୍ଧ ଆଲୋଚନା ଆଦି ପାଠ କରିବା ଓ ଜାଣିବାର ସୁଯୋଗ ପାଇଥାଆନ୍ତି । ସମସ୍ତ ଜୀବଜଗତର ସୁରକ୍ଷା ଓ ସ୍ୱାଧୀନତାର ରକ୍ଷା ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଉପରେ ପଡିଥାଏ । ରାଜତନ୍ତ୍ରର ରାଜା ଓ ଗଣତନ୍ତ୍ରର ଲୋକ ପ୍ରତିନିଧିମାନଙ୍କର କାର୍ଯ୍ୟକଳାପ ଉପରେ ସାମ୍ବାଦିକମାନେ ନଜର ରଖିଥାଆନ୍ତି । ଶାସନ କର୍ତ୍ତୃପକ୍ଷ, ରାଜନୀତିଜ୍ଞ ଓ ସର୍ବସାଧାରଣ କ୍ଷେତ୍ରରେ କାର୍ଯ୍ୟ କରୁଥିବା ବ୍ୟକ୍ତିଗଣ ଏବଂ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ସମ୍ବାଦପତ୍ର ଓ ସାମ୍ବାଦିକମାନେ ଦେଇଥିବା ଜନମତ ଦ୍ୱାରା ନିଜ ନିଜର ତ୍ରୁଟି ବୁଝି ପାରି ନିଜେ ନିଜକୁ ସଂଶୋଧିତ କରିଥାଆନ୍ତି । କିନ୍ତୁ ଅସଲ କଥାଟି ହେଉଛି ସାମ୍ବାଦିକ ଗଣମାଧ୍ୟମର ଅଂଶ ସିନା, ଏହାର ମାଲିକାନା ଅନ୍ୟ କାହା ପାଖରେ ଥାଏ । କିଛି ସାମ୍ବାଦିକ ଦରମା ପାଇଥାଆନ୍ତି ତ ଆଉ କିଛି ମାଗଣା ଖଟନ୍ତି । ସକାଳ ସମୟରେ ବିତରକ ତ ସନ୍ଧ୍ୟାରେ ସାମ୍ବାଦିକ । ସକାଳ ଚାକିରି ସଞ୍ଜକୁ ନାହିଁ । ସାମ୍ବାଦିକତା ମାଲିକାନାର ଏକ ସଖୀ କଣ୍ଢେଇ ପାଲଟିଥାଏ । ଏଇତ ଆମର ବିଡମ୍ବନା ଚତୁର୍ଥ ସ୍ତମ୍ଭ ନିମ୍ନଗାମୀ କିନ୍ତୁ ଅନ୍ୟ ତିନୋଟି ସ୍ତମ୍ଭ ଯଥା - ବିଧାନ ପାଳିକା, କାର୍ଯ୍ୟ ପାଳିକା, ନ୍ୟାୟ ପାଳିକା ବିଳାସବ୍ୟସନରେ ବିମଣ୍ଡିତ ହୋଇଥାଏ । ସାମ୍ବାଦିକଟି ଶୋଷିତ ହୁଏ, ତାର ଆକୁଳତାକୁ କେହି ବୁଝନ୍ତିନି । କେଉଁଠି ଦାରିଦ୍ର୍ୟର କଷାଘାତରେ ପେଷି ହୋଇ ରୋଗ, ଶୋକ ଓ ମୃତ୍ୟୁକୁ ଆଦରି ନିଏ । ସବୁ ଶାସନତନ୍ତ୍ରରେ ଅସହାୟା ଦ୍ରୌପଦୀକୁ ଯନ୍ତ୍ରଣା ଦେଇ ପାଶବିକ କ୍ଷୁଧା ମେଣ୍ଟାନ୍ତି ଦୁର୍ଯ୍ୟୋଧନମାନେ, କେଉଁଠି ସାଧାରଣ ଜନତା ଛଳନାର ଶିକାର ହୁଏ ମୃତ୍ୟୁକୁ ସାମ୍ନା କରେ ଜଉଘରେ । କେଉଁଠି ପିଲା ବିକ୍ରି ତ କେଉଁଠି ମାଦକଦ୍ରବ୍ୟ ସାଙ୍ଗରେ ରାଜନୈତିକ ହିଂସା, ଏସବୁର ଦରଦୀ ବନ୍ଧୁଟିଏ ହେଉଛି ଗଣମାଧ୍ୟମ । ଯିଏ ଅହରହ ଜନତାଙ୍କ ପାଖରେ ରହି ଗଣତନ୍ତ୍ରର ମୂଲ୍ୟବୋଧକୁ ବଞ୍ଚାଇବାକୁ ଚେଷ୍ଟାକରେ, ଯାହାର ମସୀ ଅସୀ ଠାରୁ ବଳିୟାନ ହୋଇଉଠେ ସେ ସାମ୍ବାଦିକ ହେଉଛି ସମାଜ ଓ ଜୀବଜଗତର ଜାଗ୍ରତ ପ୍ରହରୀ ।

ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ । ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ । ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା । ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା । ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଅୟଆରମ୍ଭରେ ସମ୍ବାଦପତ୍ରର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା । ୧୯୧୯ରୁ ୧୯୪୭ ମଧ୍ୟବର୍ତ୍ତୀ ସମୟରେ ଭାରତୀୟ ସମ୍ବାଦପତ୍ର ମହାତ୍ମା ଗାନ୍ଧିଙ୍କ ଲେଖନି ଦ୍ୱାରା ସମୃଦ୍ଧ ହୋଇ ସମାଜରେ ଏକ ପରିବର୍ତ୍ତନ ଆଣିଦେଲା । ଗାନ୍ଧିଙ୍କ ଦ୍ୱାରା ଲୋକମାନେ ପ୍ରଭାବିତ ହେଲେ ଫଳରେ ରାଜନୈତିକ ଓ ସାମାଜିକ କ୍ଷେତ୍ରରେ ଯୁଗାନ୍ତକାରୀ ପରିବର୍ତ୍ତନ ଘଟିଲା । ଗାନ୍ଧୀଜୀ ପାଞ୍ଚଟି ସମ୍ବାଦପତ୍ର ବା ପତ୍ରିକାର ପ୍ରତିଷ୍ଠାତା ସମ୍ପାଦକ ଥିଲେ । ପରୋକ୍ଷ ଭାବରେ ଗାନ୍ଧୀଜୀ ଅଧିକାଂଶ ଭାରତୀୟ ସମ୍ବାଦପତ୍ର ସହ ଜଡିତ ଥିଲେ । 'ଇଣ୍ଡିଆନ୍ ଓପିନିୟନ' ଖବରକାଗଜ ଓ 'ୟଙ୍ଗ୍ ଇଣ୍ଡିଆ' ଏବଂ ନବଜୀବନ ପତ୍ରିକାର ପରିଚାଳନାର ଭାର ଗ୍ରହଣ କଲାପରେ ଗାନ୍ଧୀଜୀ

> ଚତୁର୍ଥ ସ୍ତମ୍ଭ ଗଣମାଧ୍ୟମର ଉତ୍ତର ଦାୟିତ୍ୱ ସବୁଠାରୁ ବେଶୀ । ବର୍ତ୍ତମାନ ଯୁଗରେ ସମ୍ବାଦ ଓ ସାମ୍ବାଦିକତାର ଗୁରୁତ୍ୱ ଯଥେଷ୍ଟ । ସମୟ ଥିଲା ପ୍ରସ୍ତର ଯୁଗରେ ମନୁଷ୍ୟ ତାର ଲିପି ପଥର ଉପରେ ଖୋଦିତ କରୁଥିଲା, କ୍ରମେ ତାଳପତ୍ର ଓ ଭୂଜପତ୍ରରେ ସାହିତ୍ୟ ଓ ସଂସ୍କୃତି ସଂରକ୍ଷଣର ଏକମାତ୍ର ମାଧ୍ୟମ ପାଲଟିଥିଲା । ମୁଦ୍ରଣ ଯନ୍ତ୍ରର ପରିକଳ୍ପନା ପରେ ଭାରତବର୍ଷରେ ଛାପା କାର୍ଯ୍ୟ ଆରମ୍ଭ ହେଲା । ପ୍ରଥମ ସମ୍ବାଦପତ୍ର ଭାବେ ୧୭୮୦ ଖ୍ରୀ.ଅ.ରେ 'ଦି ବେଙ୍ଗଲ ଗେଜେଟ' ପ୍ରକାଶ ପାଇଲା ।

ଲୋକମାନଙ୍କୁ ସତ୍ୟାଗ୍ରହ ବିଷୟରେ ଶିକ୍ଷା ଦେଲେ । ୟଙ୍ଗ ଇଣ୍ଡିଆରେ ପ୍ରକାଶିତ କେତୋଟି ପ୍ରବନ୍ଧ ସରକାର ବିରୋଧୀ ଥିବାରୁ ଗାନ୍ଧୀଜୀଙ୍କୁ ୬ ବର୍ଷ ଜେଲ୍ ଯିବାକୁ ପଡିଥିଲା । ଗାନ୍ଧୀଙ୍କର ଲେଖା ପ୍ରକାଶ କରିବା ପାଇଁ ବିଦେଶୀ ଓ ଦେଶୀୟ ସମ୍ବାଦପତ୍ର ଗୁଡିକ ମଧ୍ୟରେ ପ୍ରତିଯୋଗିତା ଲାଗୁଥିଲା । ଗାନ୍ଧୀଜୀ ସର୍ବଦା କହୁଥିଲେ ସମ୍ବାଦପତ୍ର ଗୁଡିକ ସର୍ବଦା ନିର୍ଭୀକ ଓ ସତ୍ୟ ସମ୍ବାଦ ପରିବେଷଣ କରିବା ଉଚିତ୍ । ୧୯୩୨ରେ ସେ ଜେଲ୍‌ରେ ଥିବା ସମୟରେ 'ହରିଜନ' ପତ୍ରିକାର ଆରମ୍ଭ କରିଥିଲେ । ଦଳିତମାନଙ୍କର ଅଧିକାର ଓ ସାମାଜିକ ସଂସ୍କାର ପାଇଁ ଏହି 'ହରିଜନ' ପତ୍ରିକାକୁ ଆୟୁଦ୍ଧ ରୂପେ ବ୍ୟବହାର କରିଥିଲେ । ଗାନ୍ଧୀଜୀ ଯେଉଁ ନିତୀ ନିୟମରେ ସାମ୍ବାଦିକତା ଓ ସମ୍ପାଦନା କରୁଥିଲେ ତାହା ବର୍ତ୍ତମାନ ଯୁଗରେ ସମ୍ଭବ ନୁହେଁ । ସମ୍ବାଦପତ୍ର ଏକ ମଙ୍ଗଳକାରୀ ଶକ୍ତି । ତାହା ସର୍ବଦା ଜୀବଜଗତର ହିତ ପାଇଁ । ଯଦି ସମ୍ବାଦପତ୍ର ଅଯୋଗ୍ୟ ହାତରେ ନିୟନ୍ତ୍ରିତ ହୁଏ, ତାହା ସମାଜର କ୍ଷତିସାଧନ କରେ ।

ଓଡିଆ ଭାଷାର ପ୍ରଥମ ପତ୍ରିକା 'ଜ୍ଞାନରୁଣ' ତାପରେ 'ସରକାରୀ ଗେଜେଟ୍' । ୧୮୫୬ରେ ପ୍ରକାଶ ପାଇଲା ପ୍ରବୋଧ ଚନ୍ଦ୍ରିକା । ତାହା ପ୍ରକୃତରେ ଥିଲା ଓଡିଆ ଭାଷାର ପ୍ରଥମ ସାହିତ୍ୟ ପତ୍ରିକା । ୧୮୬୬ ମସିହାରେ ନଅଙ୍କ ଦୁର୍ଭିକ୍ଷ ସମୟରେ ଜନ୍ମ ନେଲା ସ୍ୱଦେଶୀ ପତ୍ରିକା 'ଉତ୍କଳ ଦୀପିକା' । ଯାହାର ପ୍ରତିଷ୍ଠାତା ସଂପାଦକ ଥିଲେ କର୍ମବୀର ଗୌରୀଶଙ୍କର ରାୟ । ଏହି ଠାରୁ ଆରମ୍ଭ ହେଲା ଓଡିଆ ଭାଷା ସାହିତ୍ୟ ସଂସ୍କୃତିର ଅଗ୍ରଗତି ପାଇଁ ପ୍ରାଥମିକ ଉଦ୍ୟମ । ବଙ୍ଗଳା ଭାଷାର ପ୍ରାବଲ୍ୟ ଯୋଗୁ ଆରମ୍ଭ ହୋଇଗଲା ଓଡିଆ ଭାଷାକୁ ସଂପୂର୍ଣ୍ଣ ବିଲୋପ କରିଦେବାର ଜଘନ୍ୟ ଷଡଯନ୍ତ୍ର । ଏହି ସମୟରେ ଫକୀର ମୋହନଙ୍କ 'ବୋଧଦାୟିନୀ' ଓ 'ବାଲେଶ୍ୱର ସମ୍ବାଦ ବାହିକା' । ଓଡିଆ ଭାଷାର ସୁରକ୍ଷା ପାଇଁ ଏହି ପତ୍ରିକା ଥିଲା ଆଲୋକ ବର୍ତ୍ତିକା ।

ସମ୍ବାଦପତ୍ର ହେଉଛି ଦେଶ ଓ ସମାଜ ଗଢ଼ିବାର ଏକ ଦୁର୍ବାର ଅମୋଘ ଅସ୍ତ୍ର । ଗଣତନ୍ତ୍ରର ଚତୁର୍ଥ ସ୍ତମ୍ଭ ତାର ଯଥାର୍ଥ ଉପଯୋଗିତାକୁ ବିନିଯୋଗ କଲେ ଦେଶ, ଜାତି ଓ ବିଶ୍ୱର ସମାଜ କଲ୍ୟାଣ ସାଧିତ ହେବ । ସୁସ୍ଥ ସମାଜ ତଥା ଉନ୍ନତ ରାଷ୍ଟ୍ର ଗଠନରେ ସମ୍ବାଦପତ୍ର ଓ ସାମ୍ବାଦିକଙ୍କ ଭୂମିକା ଯେ ସ୍ୱତନ୍ତ୍ର ଏହା ସ୍ୱୀକାର୍ଯ୍ୟ ।

ପାରାଦ୍ୱୀପଗଡ, କୁଜଙ୍ଗ,
ଜଗତ୍‌ସିଂହପୁର
ମୋ: ୯୯୩୭୬୯୧୪୭୫

ବୃଦ୍ଧ ପିତା ମାତା ଚାହାନ୍ତି କଣ

ରବିନାରାୟଣ ପଟ୍ଟନାୟକ

ଚାକିରି ଜୀବନ ଯେତେବେଳେ ଯାଏଁ ଥାଏ ଜଣେ ବିଭିନ୍ନ ଲୋକଙ୍କ ସହିତ କଥା ବାର୍ତ୍ତା କରେ ଯାହା ଫଳରେ କି ନିଜ ମନ କଥା ବଣ୍ଟି ପାରିଥାଏ ପରେ କିନ୍ତୁ ସେଇ ମଣିଷ ଯେତେବେଳେ ବୟସର ଶେଷ ସମୟରେ ପହଞ୍ଚେ ସେଇ ସମୟରେ ନିଜେ ନିଜର ଦୁଃଖ ମନ ଭିତରେ ରଖିବା ଛଡ଼ା ଆଉ କିଛି ଉ

ଧାରାବାହିକ କରୁ କରୁ ପରସ୍ପରର ପ୍ରେମରେ ପଡ଼ିଲେ ଶିବାଙ୍ଗୀ-କୁଶାଲ, କରିବେ ବିବାହ !

ଧାରାବାହିକ 'ୟେ ରିସ୍ତା କ୍ୟା କେହଲତା ହେ'ରେ ନାୟରା ଚରିତ୍ରରେ ଅଭିନୟ କରି ଲୋକପ୍ରିୟ ହୋଇଥିବା ଖ୍ୟାତନାମା ଅଭିନେତ୍ରୀ ଶିବାଙ୍ଗୀ ଯୋଶୀ ଏବେ ତାଙ୍କ ପ୍ରେମ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି । ସେ ଏବେ ଅଭିନେତା କୁଶାଲ ଟଣ୍ଡନଙ୍କୁ ଡେଟ କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

ଶିବାଙ୍ଗୀ ଏବଂ କୁଶାଲ ଧାରବାହିକ 'ବରସାତେଁ- ମୌସମ୍ ପ୍ୟାର୍ କା'ରେ ଅଭିନୟ କରିଥିଲେ । ଦୁହେଁ ମୁଖ୍ୟ ଚରିତ୍ରରେ ଅଭିନୟ କରିଥିବା ବେଳେ ଦୁହିଁଙ୍କ କେମେଷ୍ଟ୍ରି ଦର୍ଶକଙ୍କୁ ପସନ୍ଦ ଆସିଥିଲା । ଏବେ ଖବର ଆସିଛି ଯେ, ଅଭିନୟ କରୁ କରୁ ଦୁହେଁ ସତରେ ପରସ୍ପରର ପ୍ରେମରେ ପଡ଼ିଛନ୍ତି । ଏମିତି କି ଦୁହେଁ ବିବାହ କରିବା ଉପରେ ବିଚାର କରୁଥିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି ।

ଜାତୀୟ ଗଣମାଧ୍ୟମ ନ୍ୟୁଜ୍ ୧୮ ଅନୁଯାୟୀ, କୁଶାଲ-ଶିବାଙ୍ଗୀ ପରସ୍ପରକୁ ଭଲ ପାଉଛନ୍ତି । ଉଭୟ ନିଜ ସମ୍ପର୍କକୁ ନେଇ ବହୁତ ଗମ୍ଭୀର ଥିବା ସହ ସମ୍ପର୍କକୁ ଆଗକୁ ନେବାକୁ ଚିନ୍ତା କରୁଛନ୍ତି । ଉଭୟେ ଏହି ସମ୍ପର୍କ ବିଷୟରେ ଖୋଲାଖୋଲି ଭାବରେ ପ୍ରତିକ୍ରିୟା ରଖିନାହାନ୍ତି କାରଣ ସେମାନେ ସେମାନଙ୍କର ବ୍ୟକ୍ତିଗତ ଜୀବନକୁ ବ୍ୟକ୍ତିଗତ ରଖିବାକୁ ଚାହାଁନ୍ତି । ଠିକ୍ ସମୟ ଆସିଲେ ସେମାନେ ନିଜ ସମ୍ପର୍କ ବିଷୟରେ ଘୋଷଣା କରିବେ ବୋଲି କୁହାଯାଉଛି ।

କେବଳ ୬ ଜଣଙ୍କୁ ଫଲୋ କରନ୍ତି ଶାହରୁଖ

ଇନଷ୍ଟାରେ କେବଳ ଏହି ୬ଜଣଙ୍କୁ ଫଲୋ କରନ୍ତି ବଲିଉଡର କିଙ୍ଗ ଶାହରୁଖ ଖାନ୍ । ଏକଥାଟି ଆପଣଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିଲେ ବି ଏହା ସତ । ଇନଷ୍ଟାରେ ଶାହରୁଖଙ୍କୁ ୪୬.୭ମିଲିୟନ ଲୋକ ଫଲୋ କରୁଥିଲେ ବି ଶାହରୁଖ ମାତ୍ର ୬ଜଣଙ୍କୁ ଫଲୋ କରୁଛନ୍ତି । ସେହି ୬ଜଣଙ୍କ ମଧ୍ୟରେ ୩ଜଣ ତାଙ୍କ ପରିବାରର ସଦସ୍ୟ ଥିବା ବେଳେ ବାକି ୩ଜଣ କିଏ ଜାଣନ୍ତି କି ?

ତେବେ ଆପଣ ଯଦି ଶାହରୁଖଙ୍କ ଇନଷ୍ଟା ପେଜ୍ ଦେଖିବେ ସେଥିରେ ୬ଜଣଙ୍କ ମଧ୍ୟରେ ପତ୍ନୀ ଗୌରୀ ଖାନ୍, ଝିଅ ସୁହାନା ଖାନ୍, ପୁଅ ଆରୟନ ଖାନ୍ ଅଛନ୍ତି । ଅନ୍ୟ ୩ଜଣଙ୍କ ମଧ୍ୟରେ ରହିଛନ୍ତି କାଜଲ ଆନନ୍ଦ ଓରଫ ପୁତଲୁ, ପୂଜା ଡଡଲାନି ଓ ଆଲିଆ ଛିବା । ହିନ୍ଦୀ ଚଳଚ୍ଚିତ୍ର ଇଣ୍ଡଷ୍ଟ୍ରିରେ କାଜଲ ଆନନ୍ଦଙ୍କୁ ପୁତଲୁ ବୋଲି ସମ୍ବୋଧନ କରାଯାଏ । ସେ ପେସାରେ ଜଣେ ଓକିଲ ଯିଏକି ସଞ୍ଜୟ ଦତ୍ତଙ୍କ ସମେତ ବଲିଉଡର ଅନେକ ବଡ ବଡ କଳାକାରଙ୍କ ପାଇଁ ଲଢ଼ିଛନ୍ତି । ପୂଜାଙ୍କ କଥା କହିବାକୁ ଗଲେ ସେ ଶାହରୁଖଙ୍କ ମ୍ୟାନେଜର । ସେ ଅନେକ ବର୍ଷ ଧରି ଶାହରୁଖ ଖାନଙ୍କ ମ୍ୟାନେଜର ଭାବେ କାମ କରିଆସୁଛନ୍ତି । ଜଣେ ଭାରତୀୟ ସେଲିବ୍ରିଟି ମ୍ୟାନେଜର ହେବା ବ୍ୟତୀତ ସେ ଅନେକ ଚଳଚ୍ଚିତ୍ରର ପ୍ରଯୋଜନା ଦାୟିତ୍ୱ ମଧ୍ୟ ନେଇଛନ୍ତି । ଏହା ସହ ଆଲିଆ ଛିବା ହେଉଛନ୍ତି ଶାହରୁଖ ଖାନଙ୍କ ଝିଆରୀ । ସେ ଗୌରୀ ଖାନଙ୍କ ଭାଇ ବିକାଶ ଛିବାଙ୍କ ଝିଅ ।

ଏକା ସାଙ୍ଗରେ ୨ଜଣଙ୍କୁ ଡେଟ୍ କରିଛି, ସବୁର ଅଭିଜ୍ଞତା ଜରୁରୀ: ନାଗା ଚୈତନ୍ୟ

ସାଉଥ୍ ସୁପରଷ୍ଟାର ତଥା ନାଗାର୍ଜୁନଙ୍କ ପୁଅ ନାଗା ଚୈତନ୍ୟ ପୁଣିଥରେ ବ୍ୟକ୍ତିଗତ ଜୀବନକୁ ନେଇ ଲାଇମଲାଇଟକୁ ଆସିଛନ୍ତି । ନାଗା ଚୈତନ୍ୟ ଅଭିନେତ୍ରୀ ସାମନ୍ଥା ରୁଥ୍ ପ୍ରଭୁଙ୍କୁ ବିବାହ କରିଥିବା ବେଳେ ୨୦୨୧ରେ ତାଙ୍କଠାରୁ ଅଲଗା ହୋଇଥିଲେ । ଏମଧ୍ୟରେ ଦୁହେଁ ନିଜ ନିଜ ଜୀବନରେ ଆଗକୁ ବଢ଼ିସାରିଥିବା ବେଳେ ନାଗାଙ୍କ ଏକ ପୁରୁଣା ସାକ୍ଷାତକାର ଭାଇରାଲ ହେବାରେ ଲାଗିଛି । ବିବାହ ପରେ ୨୦୧୮ରେ ସେ ଏକ ଫିଲ୍ମର ପ୍ରଚାର ସମୟରେ ଦେଇଥିବା ସାକ୍ଷାତକାର ଏବେ ଭାଇରାଲ ହେଉଛି । ଏହି ସାକ୍ଷାତକାରରେ ସେ ଏକା ସାଙ୍ଗରେ ୨ଜଣଙ୍କୁ ଡେଟ୍ କରିଛି । ସବୁର ଅଭିଜ୍ଞତା ଜରୁରୀ ବୋଲି କହୁଛନ୍ତି । ସାକ୍ଷାତକାରରେ ନାଗାଙ୍କୁ ଯେତେବେଳେ ପଚରା ଯାଉଛି ଯେ, ଏକା ସାଙ୍ଗରେ ୨ଜଣଙ୍କୁ ଡେଟ୍ କରିଛନ୍ତି କି ? ନାଗା 'ହଁ' ଲେଖାଥିବା ପ୍ଲାକାର୍ଡ ଉଠାଇ କହୁଛନ୍ତି, 'ଜୀବନରେ ସବୁକିଛି ଅନୁଭବ କରିବା ଉଚିତ୍ । ଯେତେବେଳେ ତୁମେ ବଡ ହେବ ଏବଂ ତୁମେ ଅନୁଭବ କରିବ ଯେ, ମୁଁ ସମସ୍ତ ପ୍ରଭାରର ଅନୁଭୂତି ନେଇ ସାରିଛି, ସେତେବେଳେ ତୁମେ ବିବାହ କରିବାର ସମୟ ଆସିଛି ବୋଲି ଜାଣିପାରିବ ।'

ବିବାଦରେ ରଜନୀକାନ୍ତଙ୍କ 'କୁଲି': ଲିଗାଲ ନୋଟିସ୍ ପଠାଇଲେ ଇଲିୟାରାଜା

ତାଙ୍କ ଅନୁମତି ବିନା ଗୀତକୁ ଫିଲ୍ମରରେ ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଇଲିୟାରାଜା ଏହି ପ୍ରସଙ୍ଗରେ କୁଲି ନିର୍ଦ୍ଦେଶକ ଲୋକେଶ କନଗରାଜଙ୍କଠାରୁ ଜବାବ ମାଗିଛନ୍ତି । ସାଉଥ ସୁପରଷ୍ଟାର ରଜନୀକାନ୍ତ । ତାଙ୍କ ଫିଲ୍ମକୁ ଫ୍ୟାନ୍‌ମାନେ ବେଶ୍ ଉତ୍ସାହର ସହ ଅପେକ୍ଷା କରିଥାନ୍ତି । ନିକଟରେ ତାଙ୍କ ଫିଲ୍ମ 'କୁଲି'ର ଏକ ଟିଜର ରିଲିଜ ହୋଇଥିଲା । ଏହାକୁ ଦର୍ଶକମାନେ ବେଶ୍ ପସନ୍ଦ କରିଥିଲେ । ରଜନୀକାନ୍ତ ଏହି ଫିଲ୍ମକୁ ନେଇ ଫ୍ୟାନ୍ସମାନଙ୍କ ମଧ୍ୟରେ ଜବରଦସ୍ତ ହାଇପ୍ ମଧ୍ୟ ରହିଛି । ଏହି ଫିଲ୍ମ ଏବେ ଆଇନ ଜାଲରେ ଫଶିଥିବା ସୂଚନା ମିଳିଛି । ସାଉଥ ଫିଲ୍ମ ଇଣ୍ଡଷ୍ଟ୍ରିର ଜଣାଶୁଣା ସଂଗୀତକାର ଇଲିୟାରାଜା ରଜନୀକାନ୍ତଙ୍କ ଏହି ଅପ୍‌କମିଂ ଫିଲ୍ମ 'କୁଲି'ର ପ୍ରଡକ୍ସନ ହାଉସ୍ ସନ୍ ପିକ୍‌ଚର୍ସ ବିରୋଧରେ ଲିଗାଲ ନୋଟିସ ଜାରି କରିଛନ୍ତି । ଏହି ଫିଲ୍ମରେ ତାଙ୍କ ଅନୁମତି ବିନା ତାଙ୍କର ଗୀତକୁ ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି । କିଛି ଦିନ ପୂର୍ବରୁ ନିର୍ଦ୍ଦେଶକ ଲୋକେଶ କନଗରାଜଙ୍କ ଫିଲ୍ମ 'କୁଲି'ର ଏକ ଚମତ୍କାର ଟିଜର ରିଲିଜ ହୋଇଥିଲା । ଏଥିରେ ରଜନୀକାନ୍ତଙ୍କ ଜବରଦସ୍ତ ସ୍ୱାଗ୍ ସାଙ୍ଗକୁ ଦମ୍‌ଦାର ଆକ୍ସନ ଦେଖିବାକୁ ମିଳିଥିଲା । ତେବେ ଏହି ଟିଜରର ବ୍ୟାକ୍‌ଗ୍ରାଉଣ୍ଡରେ ବାଜୁଥିବା ମ୍ୟୁଜିକ କିନ୍ତୁ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲା । ଏବେ ଏହି ମ୍ୟୁଜିକ୍‌କୁ ନେଇ ହିଁ ବିବାଦ ଉପୁଜିଛି । ସଂଗୀତ ନିର୍ଦ୍ଦେଶକ ଇଲିୟାରାଜା ଏହି ସଙ୍ଗୀତକୁ ନେଇ କଠୋର ପଦକ୍ଷେପ ଗ୍ରହଣ କରିଛନ୍ତି । ଇ-ଟାଇମ୍ସର ରିପୋର୍ଟ ଅନୁଯାୟୀ, 'କୁଲି' ଫିଲ୍ମର ଟିଜରରେ ସଙ୍ଗୀତକାର ଅନିରୁଦ୍ଧ ଇଲିୟାରାଜାଙ୍କ ଗୀତ 'ଓ୍ୱା ଓ୍ୱା ପାଖମ୍ ଓ୍ୱା'କୁ ରିକ୍ରିଏଟ୍ କରିଛନ୍ତି । ଏହାକୁ ନେଇ ଇଲିୟାରାଜା 'କୁଲି'ର ପ୍ରଡକକ୍ସନ ହାଇସ୍ ସନ୍ ପିକ୍‌ଚର୍ସ ବିରୋଧରେ କପିରାଇଟ୍ ଆକ୍ଟ ଅନୁଯାୟୀ ଲିଗାଲ ନୋଟିସ୍ ପଠାଇଛନ୍ତି । ତାଙ୍କ ଅନୁମତି ବିନା ଗୀତକୁ ଫିଲ୍ମରରେ ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି । ଇଲିୟାରାଜା ଏହି ପ୍ରସଙ୍ଗରେ କୁଲି ନିର୍ଦ୍ଦେଶକ ଲୋକେଶ କନଗରାଜଙ୍କଠାରୁ ଜବାବ ମାଗିଛନ୍ତି । ଜେଲର ଓ ଲାଲ ସଲାମ ପରେ ଏବେ ରଜନୀକାନ୍ତ 'କୁଲି' ଫିଲ୍ମ ଜରିଆରେ ପୁଣି ଥରେ ଥିଏଟରରେ ରାଜ କରିବାକୁ ଆସୁଛନ୍ତି । ଏହି ଫିଲ୍ମରେ ତାଙ୍କ ଅପୋଜିଟ୍‌ରେ ଅଭିନେତ୍ରର ଶ୍ରୁତି ହସନ ଅଛନ୍ତି । ତେବେ ଫିଲ୍ମଟି କେବେ ରିଲିଜ ହେବ ନେଇ କିଛି ଘୋଷଣା ହୋଇନାହିଁ ।

ଆମିଷ ଖାଆନ୍ତି ନାହିଁ ଏହି ସବୁ ବଲିଉଡ୍ ତାରକା

ନିରାମିଷ ଖାଦ୍ୟ ଖାଇବା ଦ୍ୱାରା ଆମ ଶରୀର ସୁସ୍ଥ ରହିବା ସହ ମସ୍ତିଷ୍କ ବି ଉଚିତ ଭାବେ ବିକଶିତ ହୋଇଥାଏ ବୋଲି ପୂର୍ବକାଳରୁ ମୁନି, ଋଷିମାନେ କହି ଆସିଛନ୍ତି । ବଲିଉଡ୍‌ରେ ଏପରି କିଛି ତାରକା ଅଛନ୍ତି, ଯିଏକି ଏହାକୁ ବିଶ୍ୱାସ ମଧ୍ୟ କରନ୍ତି ।

ମେଗାଷ୍ଟାର ଅମିତାଭ ବଚ୍ଚନ ସେମାନଙ୍କ ମଧ୍ୟରୁ ଜଣେ । ବିଗ୍ ବି ଅମିତାଭ ପ୍ରଥମରୁ ଅମିଷ ଖାଉଥିଲେ । ହେଲେ ୨୦୦୨ ମସିହାଠାରୁ ସେ ଆମିଷ ଖାଇବା ବର୍ଜନ କରିଛନ୍ତି । ସେ ବିଶ୍ୱାସ କରନ୍ତି ଯେ ସୁସ୍ଥ ମସ୍ତିଷ୍କ ପାଇଁ ଶାକାହାରୀ ଭୋଜନ ଜରୁରୀ ।

ଅଭିନେତା ଜନ୍ ଆବ୍ରାହମ୍‌ଙ୍କ ଫିଗରକୁ ଦେଖି କେହି ବି କହିବେ ନାହିଁ ଯେ ସେ ନିରାମିଷାସୀ । ହେଲେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ ଜନ୍‌ଙ୍କୁ ଶାକାହାରୀ ବଡି ବିଲ୍‌ଡରଙ୍କ ସୂଚୀରେ ଗଣନା କରାଯାଏ ।

ଆପଣ ବିଶ୍ୱାସ କରିବେ ନାହିଁ ଯେ ନିଜ 'ବଡି ଟ୍ରାନ୍ସଫରମେସନ୍' ଜରିଆରେ ପ୍ରଶଂସକଙ୍କୁ ବାରମ୍ବାର ଚକିତ କରାଉଥିବା ବଲିଉଡ୍‌ର ମିଷ୍ଟର ପରଫେକ୍ସନିଷ୍ଟ୍ ଆମୀର ଖାନ୍ ବି ଜଣେ ଶାକାହାରୀ । ସେ ୨୦୧୫ ମସିହାରେ ନିଜ ଜନ୍ମଦିନଠାରୁ ଆମିଷ ନଖାଇବାକୁ ସଂକଳ୍ପ ନେଇଛନ୍ତି ।

ଅଭିନେତ୍ରୀ ଅନୁଷ୍କା ଶର୍ମା ମଧ୍ୟ ଏହି ଶାକାହାରୀ ତାରକାମାନଙ୍କ ମଧ୍ୟରୁ ଅନ୍ୟତମ । ସେ ନିଜର ଫିଟ୍‌ନେସକୁ ନେଇ ଖୁବ୍ ସଚେତନ । ତାଙ୍କୁ ଅଧିକାଂଶ ସମୟରେ ଯୋଗ ଓ ବ୍ୟାୟାମ କରୁଥିବାର ଦେଖିବାକୁ ମିଳେ । ଅନୁଷ୍କା ବିଶ୍ୱାସ କରନ୍ତି ଯେ ଶାକାହାରୀ ଭୋଜନ କେବଳ ଶାରୀରିକ ନୁହେଁ, ମାନସିକ ଶାନ୍ତି ପାଇଁ ବି ଜରୁରୀ ।

ରାଜପୁତ ପରିବାରରେ ଜନ୍ମଗ୍ରହଣ କରିଥିବା କଙ୍ଗନା ରାଣାଓ୍ୱତ୍ ବି ସୁଦ୍ଧ ଶାକାହାରୀ । ତାଙ୍କ ବ୍ୟତୀତ ଅଭିନେତ୍ରୀ ବିଦ୍ୟା ବାଲାନ, ଅଭିନେତା ସାହିଦ କପୁର, ବିଦ୍ୟୁତ୍ ଜାମ୍ୱାଲ୍ ଆଦି ମଧ୍ୟ ଏହି ତାଲିକାରେ ସାମିଲ୍ ।

ଫିଲ୍ମ ପୂର୍ବରୁ ଇନଷ୍ଟାଗ୍ରାମରେ ଡେବ୍ୟୁ କଲେ ସୈଫଙ୍କ ପୁଅ



ଫିଲ୍ମ ପୂର୍ବରୁ ଇନଷ୍ଟାଗ୍ରାମରେ ଡେବ୍ୟୁ କଲେ ସୈଫ ଅଲୀ ଖାନଙ୍କ ପୁଅ ଇବ୍ରାହିମ୍ ଅଲୀ ଖାନ୍ । ଫଟୋ ସେୟାର କରି ମୁଁ ମୋର ନିଜ ଉତ୍ତରାଧିକାରୀ ତିଆରି କରିବି ବୋଲି ଲେଖିଛନ୍ତି ଇବ୍ରାହିମ୍ । ଗତ କିଛି ଦିନ ହେବ ଇବ୍ରାହିମ୍ ବଲିଉଡରେ ଡେବ୍ୟୁ କରିବେ ବୋଲି ଚର୍ଚ୍ଚା ହେଉଥିଲା । ଏମିତି କି ତାଙ୍କ ଭଉଣୀ ତଥା ଅଭିନେତ୍ରୀ ସାରା ଅଲୀ ଖାନ୍ ମଧ୍ୟ ଏହା ନିଶ୍ଚିତ କରିଥିଲେ । ହେଲେ ବଲିଉଡ ପୂର୍ବରୁ ସେ ପ୍ରଥମେ ସୋସିଆଲ ମିଡିଆରେ ଡେବ୍ୟୁ କରିଛନ୍ତି । ଲୋକପ୍ରିୟ କ୍ରୀଡା ପୋଷାକ ବ୍ରାଣ୍ଡ ପୁମାର ବ୍ରାଣ୍ଡ ଆମ୍ବାସାଡାର ଭାବେ ସେ କିଛି ଫଟୋ ଉଠାଇଥିବା ବେଳେ ଫଟୋରେ ସେ ପୁମାର ସାର୍ଟ, ପ୍ୟାଣ୍ଟ ଓ ଜୋତା ପିନ୍ଧିଥିବା ଦେଖିବାକୁ ମିଳିଛି । ପ୍ରଥମ ଫଟୋରେ ସେ ସବୁଜ ରଙ୍ଗର ସାର୍ଟ, ମାଟିଆ ରଙ୍ଗର ପ୍ୟାଣ୍ଟ ସହ ସବୁଜ ରଙ୍ଗର ଜୋତା ପିନ୍ଧିଛନ୍ତି । ଦ୍ୱିତୀୟ ଫଟୋରେ ସେ ଧଳା ରଙ୍ଗର ପୋଷାକ ପିନ୍ଧିବା ସହ ଲାଲ ରଙ୍ଗର ସ୍ୱେଟର ବେକରେ ବାନ୍ଧିଥିବା ଦେଖିବାକୁ ମିଳିଛି । ଫଟୋର କ୍ୟାପସନରେ ସେ ଲେଖିଛନ୍ତି, ଉତ୍ତରାଧିକାରୀ ମୁଁ ମୋର ନିଜର ତିଆରି କରିବି । ପୁମା ସହିତ ମୋର ପ୍ରଥମ ଯାତ୍ରା ଆରମ୍ଭ କରୁଛି । ଅଭିନେତ୍ରୀ କରୀନା କପୁର ଖାନ୍ କମେଣ୍ଟ ଦେଇ ଲେଖିଛନ୍ତି ଯେ, ପୁମାକୁ ସ୍ୱାଗତ ଇଗ୍ଲି । ଖୁବ୍ ଶୀଘ୍ର ସାଥିରେ ସୁଟିଂ କରିବା ।

ଛାନୁଆଁ ଗାଁ ରାସ୍ତା କଡରୁ ଯୁବକଙ୍କ ରକ୍ତାକ୍ତ ମୃତ ଦେହ ଉଦ୍ଧାର

ବସ୍ତା, ୦୨/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ଅନ୍ତର୍ଗତ ଛାନୁଆ ଗ୍ରାମରେ ଗତକାଲି ରାତ୍ରୀରେ ଘଟିଛି ଅଭାବନୀୟ ଘଟଣା । ସୂଚନା ଅନୁଯାୟୀ ଆଜି ସକାଳେ ଛାନୁଆ ପ୍ରାଥମିକ ବିଦ୍ୟାଳୟ ନିକଟରେ ରାସ୍ତା ପାର୍ଶ୍ୱ ରେ ଜଣେ ଯୁବକ ର ରକ୍ତାକ୍ତ ମୃତଦେହ ପଡିଥିବା ର ସ୍ଥାନୀୟ ଲୋକେ ଦେଖି ପ୍ରଥମେ ବସ୍ତା ପୋଲିସକୁ ଖବର ଦେଇଥିଲେ। ଖବର ପାଇ ବସ୍ତା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଥିଲେ । ଉକ୍ତ ଯୁବକ ର ଦେହ ର ବିଭିନ୍ନ ସ୍ଥାନରେ ରେ ଗଭୀର କ୍ଷତ ଚିହ୍ନ ରହିଥିବାରୁ ଯୁବକ କୁ ହତ୍ୟା କରି ଫିଙ୍ଗି ଦେଇଥିବା ସନ୍ଦେହ କରା ଯାଉଛି,। ଯୁବକ ଜଣକଙ୍କ ଘର ଜଗତସିଂହପୁର ଜିଲ୍ଲାର ପୃଥୀରାଜ ପାତ୍ର ବୋଲି ଜଣା ପଡିଛି, ସେ କିଛି ଦିନ ଧରି ଏହି ଅଞ୍ଚଳରେ ମୋବାଇଲ ଟାୱାର ରେ କାର୍ଯ୍ୟ କରୁଥିଲେ। ଘଟଣା ସ୍ଥଳରେ ବସ୍ତା ପୋଲିସ ଏବଂ ସାଇଣ୍ଟିଫିକ ଟିମ ତଦନ୍ତ ଜାରି ରଖିଛି ।

ବିଏମ୍‌ସିର ଆନ୍ତରିକତା ନାହିଁ: ନିର୍ମାଣ ହୋଇପାରୁନି ଭିତ୍ତିଭୂମି

ବ୍ରହ୍ମପୁର, ୦୨/୫ (ନି.ପ୍ର): ରାଜ୍ୟର ପୁରାତନ ସହର ବ୍ରହ୍ମପୁର ତଥା ୧୫୭ବର୍ଷର ପୌରପାଳିକା(ବର୍ତ୍ତମାନ ମହାନଗର ନିଗମ) ଆଜି ବି ଲୋକଙ୍କୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ଦେବାରେ ସକ୍ଷମ ହୋଇପାରିନାହିଁ। ସହରର ବିକାଶ କହିଲେ କେବଳ ନାଳନର୍ଦ୍ଦମା, ରାସ୍ତାଘାଟ ଓ ପାନୀୟ ଜଳଯୋଗାଣ ମଧ୍ୟରେ ସୀମିତ ରହିଛି। ମହାନଗର ନିଗମ ସହରର ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେଇ କିଛି ପଦକ୍ଷେପ ଗ୍ରହଣ କରିଛି ସତ, କିନ୍ତୁ ଏହା ପର୍ଯ୍ୟାପ୍ତ ହୋଇପାରିନାହିଁ। ସହର ମଧ୍ୟରେ କିଛି ପାର୍କ ନିର୍ମାଣ କରାଯିବା ସହ ପୋଖରୀ ଗୁଡ଼ିକର ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି। ବ୍ରହ୍ମପୁର ପୌରପାଳିକା ମହାନଗର ନିଗମରେ ପରିଣତ ହୋଇ ୧୬ବର୍ଷ ବିତିବାକୁ ଯାଉଥିବା ବେଳେ ଲୋକଙ୍କୁ ଆବଶ୍ୟକ ଭିତ୍ତିଭୂମି ଯୋଗାଇ ପାରିନାହିଁ। ମହାନଗର ନିଗମ ହେବା ପରେ ପୌରପାଳିକା ସମୟରେ ରହିଥିବା ପଦପଦବି ଗୁଡ଼ିକ ପରିବର୍ତ୍ତନ ହୋଇ ମେୟର, ଡେପୁଟି ମେୟର ଓ କମିସନର ହୋଇଯାଇଛି। ୧୯୯୦ ପୂର୍ବରୁ ସହରର ବିକାଶ ସହ ତତ୍କାଳୀନ ପୌରପରିଷଦ ପକ୍ଷରୁ ରାଜସ୍ୱ ବୃଦ୍ଧି, କର୍ମନିଯୁକ୍ତି ଭଳି ପଦକ୍ଷେପ ଗ୍ରହଣ କରାଯାଇଥିଲା। ନିଗମ ହେବା ପରେ ଏଗୁଡ଼ିକ ପ୍ରତି ବିଶେଷ ଗୁରୁତ୍ୱ ଦିଆଯାଉନାହିଁ। ସହର ମଧ୍ୟରେ ଥିବା କଲ୍ୟାଣମଣ୍ଡପ, ଅତିଥିଭବନ ଓ ମାର୍କେଟ କମ୍ପ୍ଲେକ୍ସ ଯାହା ନିର୍ମାଣ କରାଯାଇଥିଲା ତାହା ସେତିକିରେ ଅଟକି ରହିଛି। ସହରର ମଧ୍ୟଭାଗରେ ଥିବା ପୌର ଅତିଥି ଭବନଟି ନିଗମ କର୍ତ୍ତୃପକ୍ଷଙ୍କ ଆନ୍ତରିକତା ଅଭାବରୁ ବର୍ଷ ବର୍ଷ ଧରି କ୍ଷତିରେ ଚାଲିଥିଲା। ୨୦୧୨ରୁ ପୌର ଅତିଥି ଭବନ ବର୍ଷକୁ ପ୍ରାୟ ୨୫ଲକ୍ଷ ଟଙ୍କା ନିଗମକୁ କ୍ଷତି କରି ଚାଲିଥିଲା। ଇତି ମଧ୍ୟରେ ଦୁଇ ଦୁଇଥର ପୌର ନିର୍ବାଚନ ହୋଇ ଜନପ୍ରତିନିଧିମାନେ ଶାସନ କରିଥିବା ବେଳେ ଏହି କୋଠା ପ୍ରତି କେହି ବି ଗୁରୁତ୍ୱ ଦେଇନଥିଲେ। ଏହି କୋଠାକୁ ନବକଳେବର କରାଯାଇ ମାର୍କେଟ କମ୍ପ୍ଲେକ୍ସ କରିବା ପାଇଁ ଡିପିଆର ପ୍ରସ୍ତୁତ କରାଯାଇଥିଲା। ତେବେ ଆନ୍ତରିକତା ଅଭାବରୁ ଏହା କେବଳ ଡିପିଆର ମଧ୍ୟରେ ଅଟକି ରହିବା ପରେ ଏହାକୁ ଘରୋଇକରଣ କରି ଦିଆଯାଇ ଏକ ଘରୋଇ ସଂସ୍ଥା ହାତକୁ ଟେକି ଦିଆଯାଇଥିଲା। ଘରୋଇକରଣ କରାଯିବା ଫଳରେ ନିଗମ ରାଜସ୍ୱ କ୍ଷତିରୁ ମୁକ୍ତି ପାଇଛି। ନିଗମ ପକ୍ଷରୁ ସହରର କେତେକ ସ୍ଥାନରେ କଲ୍ୟାଣମଣ୍ଡପ ନିର୍ମାଣ କରାଯାଇଥିବା ବେଳେ ସେଗୁଡ଼ିକ ଏବେ କ୍ଷତିରେ ଚାଲୁଥିବା ନିଗମ ପକ୍ଷରୁ ସୂଚନା ମିଳିଛି। ରକ୍ଷଣାବେକ୍ଷଣ ଓ ଭିତ୍ତିଭୂମିର ଅଭାବ ଯୋଗୁଁ ଲୋକେ ନିଗମର କଲ୍ୟାଣମଣ୍ଡପରୁ ମୁହଁ ଫେରାଇ ଘରୋଇ କଲ୍ୟାଣମଣ୍ଡପ ଗୁଡ଼ିକ ଉପରେ ଗୁରୁତ୍ୱ ଦେଉଛନ୍ତି। ସେଭଳି ସହରର ପୁରୁଣା ଗିରିମାର୍କେଟ୍ କମ୍ପ୍ଲେକ୍ସକୁ ଭାଙ୍ଗି ଦିଆଯିବା ପରେ ଆଜି ପର୍ଯ୍ୟନ୍ତ ପ୍ରସ୍ତାବିତ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିନାହିଁ। ପ୍ରତିବର୍ଷ ସହର ଭିତରେ ନୂଆ ନୂଆ ଘରୋଇ ମଲ୍ ଖୋଲୁଛି କିନ୍ତୁ ନିଗମ ପକ୍ଷରୁ ପ୍ରସ୍ତାବିତ ପ୍ରକଳ୍ପ ଗୁଡ଼ିକ ନିର୍ମାଣ ହୋଇପାରୁ ନଥିବା ଯୋଗୁଁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ନୂଆ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରାଗଲେ ବହୁ ଛୋଟବଡ଼ ବ୍ୟବସାୟୀ ଉପକୃତ ହେବା ସହ ଲୋକେ ଏଥିରେ କର୍ମସଂସ୍ଥାନ ବି ପାଇପାରିବେ।

ମତଦାନ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ, ୦୨/୫ (ନି.ପ୍ର): ଗଣତନ୍ତ୍ର ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦିଗରେ ମତଦାତାମାନଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ । ଏଥିପାଇଁ ୧୮ ବର୍ଷ ବା ତହିଁରୁ ଉର୍ଦ୍ଧ୍ୱ ବସୟର ପ୍ରଥମ ଥର ମତଦାତା ମାନଙ୍କୁ ଭୋଟର ତାଲିକା ଭୁକ୍ତ କରାଯିବା ପାଇଁ ଏବଂ ସମସ୍ତ ଭୋଟର ଯେପରି ନିଜ ନିଜର ମତଦାନ ଅଧିକାର ସାବ୍ୟସ୍ତ କରିବେ ସେ ନେଇ ସଚେତନତା ବୃଦ୍ଧି ଉଦ୍ଦେଶ୍ୟରେ ଜିଲ୍ଲା ନିର୍ବାଚନ ଅଧିକାରୀ, ଭଦ୍ରକଙ୍କ ତରଫରୁ ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟରେ ଭୋଟର ସଚେତନତା କାର୍ଯ୍ୟକ୍ରମ ସିଗ୍‌ନେଚର କେମ୍ପେନ୍ ଓ ସେଲ୍‌ଫି ପଏଣ୍ଟମାଧ୍ୟମରେ କରାଯାଇଥିଲା। ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରଫେସର୍ ଡ. ଦୁର୍ଗାଶଙ୍କର ଦାସ, ଲିଗାଲ୍ ବୁର୍‌ସାର୍ ପ୍ରଫେସର ଡ. ଲକ୍ଷ୍ମୀକାନ୍ତ ନାୟକ, ଏଚ୍.ଓ.ଡି. ରାଜନିତୀ ବିଜ୍ଞାନ ପ୍ରଫେସର ଡ. ସୁଦର୍ଶନ ଦାସ ଏବଂ ପ୍ରଫେସର ରାଜନିତୀ ବିଜ୍ଞାନ ସୁଭେନ୍ଦୁ କୁମାର ବରାଳ ଯୋଗ ଦେଇଥିଲେ। ଏବଂ ଆଗାମୀ ଲୋକସଭା ଓ ଓଡ଼ିଶା ବିଧାନସଭା ସାଧାରଣ ନିର୍ବାଚନ ଉପଲକ୍ଷେ ମତଦାତା ମାନଙ୍କୁ ସଚେତନ କରାଯିବା ଉଦ୍ଦେଶ୍ୟରେ ଭଦ୍ରକ ଆର୍ଟ ଏଣ୍ଡ କ୍ରାଫ୍ଟ କଲେଜର ଛାତ୍ର ଛାତ୍ରୀମାନେ ଭଦ୍ରକ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଚୀରରେ ଚିତ୍ର ମାଧ୍ୟମରେ ଭୋଟରମାନଙ୍କୁ ସଚେତନତା ବାର୍ତ୍ତା ପ୍ରଦାନ କରିଥିଲେ। ଜିଲ୍ଲା ଯୋଜନା ଓ ପରିଚାଳନା ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ଯୋଜନା କାର୍ଯ୍ୟାଳୟର ଫାଇନାନ୍ସ ଏକ୍ସପୋର୍ଟ ଭଗବାନ ବାରିକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କଲେଜ ଛାତ୍ର ଛାତ୍ରୀମାନେ ବହୁ ସଂଖ୍ୟାରେ ଅଂଶଗ୍ରହଣ କରି ଭୋଟର ସଚେତନତା ବାର୍ତ୍ତା ପ୍ରେରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଏମ୍.ପି.ଏଲ୍.ଇ. ରସ୍ମିତା ପୁଷ୍ଟି, ଅର୍ଥନିତୀଜ୍ଞ ସ୍ମିତା ନାୟକ, ଏସ୍.ସି.ଆଇ. ହରିହର ଗୁଇଁ ଏବଂ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗ ଦେଇଥିଲେ।

ଅଖଣ୍ଡ ଭାରତ ବ୍ରାହ୍ମଣ ପରିଷଦର ଜିଲ୍ଲାସ୍ତରୀୟ କୋର୍ କମିଟି ଗଠିତ

ଭଦ୍ରକ, ୦୨/୫ (ନି.ପ୍ର): ସମାଜର ପ୍ରଗତି, ବିକାଶ ଏବଂ ସୁରକ୍ଷା ପ୍ରଦାନ କ୍ଷେତ୍ରରେ ବ୍ରାହ୍ମଣ ସମାଜ ହେଉଛି ସର୍ବଶ୍ରେଷ୍ଠ ମାଧ୍ୟମ। ସୃଷ୍ଟିର ଆବାହମାନ କାଳରୁ ବ୍ରାହ୍ମଣ ଦେବତାଙ୍କ ଗୁରୁଗମ୍ଭୀର ମନ୍ତ୍ର ଧ୍ୱନିରେ ନକରାତ୍ମକ ଶକ୍ତିର ବିନାଶ ହୋଇ ସକରାତ୍ମକ ଶକ୍ତିର ପରିପ୍ରକାଶ ହୋଇଛି। ଏବଂ ଅସୁରମାନଙ୍କର ବିନାଶ ହେବା ସହିତ ସନ୍ଥମାନଙ୍କର ବିଜୟ ହୋଇଛି। ଦେଶ ଓ ବିଶ୍ୱର ସଂକଟ ସମୟରେ କେବଳ ବ୍ରାହ୍ମଣମାନେ ହିଁ ସୁରକ୍ଷା କବଚ ସାଜିଛନ୍ତି। ସମାଜକୁ ରକ୍ଷା କରିବାର ଏକମାତ୍ର କବଚ ହେଉଛି ବ୍ରାହ୍ମଣ ସମାଜ। ତେଣୁ ବ୍ରାହ୍ମଣମାନେ ସଂସ୍କାରୀ ହେବା ସହିତ ସମାଜକୁ ସଂସ୍କାରମୂଳକ ନୀତି, ଶିକ୍ଷା ଦେବା ଏକାନ୍ତ ଅପରିହାର୍ଯ୍ୟ ବୋଲି ଅଖଣ୍ଡ ଭାରତ ବ୍ରାହ୍ମଣ ପରିଷଦର କର୍ମକର୍ତ୍ତାମାନେ ସୁଚିନ୍ତିତ ମତ ପ୍ରକାଶ କରିଥିଲେ। ସର୍ବଭାରତୀୟ ପରିଷଦର ସଭାପତି ପଣ୍ଡିତ ଦୈତ୍ୟାରି ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଭଦ୍ରକ ସହରର ପ୍ରତିଷ୍ଠିତ ଶ୍ରୀଚୈତନ୍ୟ ଆଶ୍ରମରେ ଅନୁଷ୍ଠିତ ସଭାରେ ପଣ୍ଡିତ ସଂଗ୍ରାମ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବ୍ରାହ୍ମଣ ସମାଜର ଦାୟିତ୍ୱ ଓ କର୍ତ୍ତବ୍ୟ ସଂପର୍କରେ ଆଲୋଚନା ରଖିଥିଲେ। ପରିଷଦର ମୁଖ୍ୟ ସଂଯୋଜକ ପଣ୍ଡିତ ସଂଜୟ ପାଢୀ ଶର୍ମା ପରିଷଦର ଆଭିମୁଖ୍ୟ ପରିପ୍ରକାଶ କରିଥିବାବେଳେ ଅଧ୍ୟାପକ ଅମରେନ୍ଦ୍ର ପଣ୍ଡା, ନିହାର ରଂଜନ କର, ପ୍ରଶାନ୍ତ କୁମାର ତ୍ରିପାଠୀ, ବିଶ୍ୱରଂଜନ ପଣ୍ଡା, ଶ୍ୟାମାପ୍ରସାଦ ଶତପଥୀ, ଜାନକୀ ପାଢୀ, ପୁରୁଷୋତ୍ତମ ଉପାଧ୍ୟାୟ, କାନନ ପାଣି ଓ ସାମ୍ୟାଦିକ ଜ୍ଞାନପ୍ରକାଶ ପାଣି ବିଶିଷ୍ଟ ଅତିଥି ଭାବେ ଯୋଗଦେଇ ପରିଷଦର ଗଠନ ମୂଳକ ଦିଗ ଉପରେ ଆଲୋଚନା ରଖିଥିଲେ। ୧୯ ଜଣ ସଭ୍ୟମାନଙ୍କୁ ନେଇ ପରିଷଦର ଏକ ଜିଲାସ୍ତରୀୟ କୋର କମିଟି ଗଠନ କରାଯାଇଛି। ଯଥାଶୀଘ୍ର ଜିଲାର ସମସ୍ତ ବ୍ଲକ୍‌ରେ ବ୍ଲକ୍‌ସ୍ତରୀୟ କମିଟି ଗଠନ କରାଯାଇ ସଂସ୍କାରମୂଳକ ପ୍ରଶିକ୍ଷଣ ଶିବିର କରାଯିବା ନିମନ୍ତେ ବୈଠକରେ ସ୍ଥିର କରାଯାଇଛି। ପରିଶେଷରେ ପଣ୍ଡିତ ସଂଜୟ ପାଢୀ ଶର୍ମା ଧନ୍ୟବାଦ ଅର୍ପଣ ପରେ ସଭା ସାଙ୍ଗ ହୋଇଥିଲା।

ଅପ୍‌ଟିକ୍ ଫାଇବର ବିଛାଇବା ନାଁରେ ଘରୋଇ ସଂସ୍ଥାର ମନମାନି: ଖାଲଖମା ଯୋଗୁ ପଥଚାରୀ କଲବଲ

ଖଣ୍ଡପଡ଼ା, ୦୨/୫ (ନି.ପ୍ର): ଖଣ୍ଡପଡ଼ା ବ୍ଲକ୍ ଅଧୀନ ବିଭିନ୍ନ ସ୍ଥାନରେ ଘରୋଇ ସଂସ୍ଥା ପକ୍ଷରୁ ଅପ୍‌ଟିକ୍ ଫାଇବର ବିଛା ଚାଲିଥିବା ବେଳେ ରାସ୍ତା ପାର୍ଶ୍ୱରେ ବିରାଟ ବିରାଟ ଖାଲ ଖୋଳି ଛାଡ଼ିଦିଆଯାଉଥିବାରୁ ଜନ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତା କଡ଼ରେ ଅତ୍ୟନ୍ତ ବିପଦପୂର୍ଣ୍ଣ ଅବସ୍ଥାରେ ଏଭଳି କାର୍ଯ୍ୟ ହେଉଥିଲେ ହେଁ ପ୍ରଶାସନର ଏଥିପ୍ରତି ଦୃଷ୍ଟି ପଡୁନାହିଁ। ସୂଚନା ଅନୁସାରେ, ଏକ ଘରୋଇ ଟେଲିକମ୍ ସଂସ୍ଥା ପକ୍ଷରୁ ଇଣ୍ଟରନେଟ୍ ଯୋଗାଇବା ନିମନ୍ତେ ବ୍ଲକ ଅଧୀନ ଏକାଧିକ ସ୍ଥାନରେ ପୂର୍ତ୍ତ ରାସ୍ତା କଡ଼ରେ ଅପ୍‌ଟିକ୍ ଫାଇବର ବିଛାଇବା କାର୍ଯ୍ୟ ଜାରି ରଖିଛି। ତେବେ ବ୍ଲକ୍ ଅଧୀନ ଖଲିସାହି ବଜାର ମଧ୍ୟରେ ଏଭଳି କାର୍ଯ୍ୟ ଅଞ୍ଚଳବାସୀଙ୍କୁ କ୍ଷୁବ୍ଧ କରିଛି। ପୂର୍ତ୍ତ ରାସ୍ତାକଡ଼ରେ ତଥା ଜନଗହଳିପୂର୍ଣ୍ଣ ଅଞ୍ଚଳରେ ୫ରୁ ୬ ଫୁଟର ଗାତ କରାଯାଉଛି। ଫଳରେ ରାସ୍ତା ଦେଇ ଯାଉଥିବା ପଥଚାରୀ ଓ ଯାନବାହନ ସମସ୍ୟାରେ ପଡୁଛନ୍ତି। କେବୁଲ ବିଛାଇବାରେ ବିଳମ୍ବ ହେଉଥିବାରୁ ବଡ଼ବଡ଼ ଖାଲ ବିପଦର କାରଣ ପାଲଟିଛି। ଘରୋଇ ସଂସ୍ଥାକୁ ବାରମ୍ବାର ତାଗିଦ ସତ୍ତ୍ୱେ କାମ ସରୁନଥିବା ଅଞ୍ଚଳବାସୀ କହିଛନ୍ତି। ଅନ୍ୟପକ୍ଷରେ ଉକ୍ତ ଘରୋଇ ସଂସ୍ଥା ଦ୍ୱାରା ବାହାର ରାଜ୍ୟର ଏକାଧିକ ଠିକାଦାରଙ୍କ ଜରିଆରେ କାମ ହେଉଥିବା ବେଳେ ବିଭିନ୍ନ ସୁରକ୍ଷା ସମ୍ବନ୍ଧୀୟ ନିୟମ ପାଳନ କରାଯାଉନଥିବା ଅଭିଯୋଗ ହୋଇଛି। ଗୋଟିଏ କି ଦୁଇଟି ନୁହେଁ, ବ୍ଲକ୍ ତଥା ସହରାଞ୍ଚଳ ଅଧୀନ ଏକାଧିକ ସ୍ଥାନରେ ଏହି ଖାଲ ପଥଚାରୀଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଥିବା ବେଳେ ସ୍ଥାନୀୟ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହୋଇଛି।

ବିଜେପି ପକ୍ଷରୁ ମିର୍ଜାପୁର ପଂଚାୟତରେ ପଦଯାତ୍ରା

ଧର୍ମଶାଳା, ୦୨/୫ (ନି.ପ୍ର): ସାଧାରଣ ନିର୍ବାଚନ ପାଇଁ ସମସ୍ତ ଦଳ ସଜବାଜ । ଏନେଇ ନିର୍ବାଚନ ପ୍ରଚାର କାର୍ଯ୍ୟ କାର୍ଯ୍ୟ ଜୋରଦାର ହେଉଥିବା ଦେଖିବାକୁ ମିଳୁଛି । ସମସ୍ତ ଦଳର ପାର୍ଥୀ ଏବେ ଗାଁ ମୁହାଁ । ଏହି କ୍ରମରେ ଭାରତୀୟ ଜନତା ପାର୍ଟି ତାର ପ୍ରଚାର କାର୍ଯ୍ୟ ଜାରି ରଖିଛି । ଯାଜପୁର ଜିଲା ଧର୍ମଶାଳା ବିଧାନସଭାକ୍ଷେତ୍ର ପାର୍ଥୀ ସ୍ମୃତିରେଖା ପହିଙ୍କୁ ପାର୍ଥୀ କରିଛି । ସେ ଆଜି ଧର୍ମଶାଳା ନିର୍ବାଚନ ମଣ୍ଡଳୀ ୧୪ନଂ ଜୋନରେ ପଦଯାତ୍ରାରେ ନିର୍ବାଚନ ପ୍ରଚାରରେ ବାହାରି ବିଭିନ୍ନ ଗ୍ରାମ ପରିକ୍ରମା କରି ନିଜ ସପକ୍ଷରେ ଓ ଲୋକସଭା ପାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି । ସ୍ମୃତି ମିର୍ଜାପୁର ପଂଚାୟତସ୍ଥ ମାନେଶ୍ୱର ମନ୍ଦିର ପରିସରରେ ପଂହଚି ଦଳୀୟ କର୍ମକର୍ତ୍ତାଙ୍କ ସହ ପୂଜାର୍ଚ୍ଚନା କରି ପଦଯାତ୍ରାରେ ବାହାରି ଥିଲେ । ବିଭିନ୍ନ ଗାଁରେ ବୁଲି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିକାଶ ଧାରା କାର୍ଯ୍ୟକୁ ଘରେ ଘରେ ଲୋକଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଗୃହ ସମ୍ପର୍କ ଅଭିଯାନ କାର୍ଯ୍ୟ ମାଧ୍ୟମରେ ଘରଘର ବୁଲି ଜନସାଧାରଣଙ୍କୁ ବୁଝାଇଥିଲେ । କାର୍ଯ୍ୟକ୍ରମରେ ବରିଷ୍ଠ ବିଜେପି ନେତା,କର୍ମୀ ଓ ବୁଥ୍ ସ୍ତରୀୟ କାର୍ଯ୍ୟକର୍ତା ଏହି ପଦଯାତ୍ରାରେ ସାମିଲ ହୋଇଥିଲେ । ବିଭିନ୍ନ ସ୍ଥାନମାନଙ୍କରେ ତାଙ୍କୁ ବିପୁଳ ସମର୍ଥନ ମିଳୁ ଥିବା ଦେଖିବାକୁ ମିଳିଥିଲା ।

ଗାଈ ଚୋରୀ ମାମଲାରେ ଆସାମୀକୁ ଏକ ବର୍ଷ ଜେଲ୍ ଦଣ୍ଡାଦେଶ

ଚମ୍ପୁଆ, ୦୨/୫ (ନି.ପ୍ର): ଗାଈ ଚୋରୀ କରିବା ମାମଲାର ବିଚାର କରି ଚମ୍ପୁଆ ଏସଡିଜେଏମ ଆସାମୀକୁ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ଘଟଣା ଅନୁସାରେ, ବାରିଆ ଥାନା ଅନ୍ତର୍ଗତ ମଣ୍ଡମା ଗ୍ରାମର ଖଗେଶ୍ୱର ମହାନ୍ତଙ୍କ ଏକ ଗାଈକୁ ଦିନ ଦଶଟା ସମୟରେ ରିମୁଳି ଗ୍ରାମର ଜିତେନ୍ଦ୍ର କାଳନ୍ଦୀ ନାମକ ବ୍ୟକ୍ତି ଚୋରୀ କରିଥିବା ନେଇ ଗତ ତା ୧୩/୧୧/୧୭ ରିଖରେ ବାରିଆ ଥାନାରେ ଅଭିଯୋଗ ହୋଇଥିଲା। ଗାଈଟି ଚରିବାକୁ ଯାଇଥିବା ବେଳେ ଦୁର୍ବୃତ ଚୋରିକରି ନେଇ ଯାଇଥିଲା। ଗାଈ ମାଲିକ ଖୋଜି ଖୋଜି ଗାଇଟିକୁ ରିମୁଳି ଗ୍ରାମର ଜିତେନ୍ଦ୍ର କାଳନ୍ଦୀ ପାଖରେ ଠାବ କରି ପୋଲିସ ନିକଟରେ ଅଭିଯୋଗ ଥିଲେ। ଅଭିଯୋଗ ପାଇ ପୋଲିସ ଆସାମୀ ଜିତେନ୍ଦ୍ରକୁ ଗିରଫ କରି କୋର୍ଟଚାଲାଣ କରିଥିଲେ। ଏହି ମାମଲାରେ ୮ ଜଣ ସାକ୍ଷୀଙ୍କ ବୟାନକୁ ଭିତିକରି ଚମ୍ପୁଆ ଏସଡିଜେଏମ ଦୀପକ କୁମାର ସାଠୁଆ ଆସାମୀ ଜିତେନ୍ଦ୍ର କାଳନ୍ଦୀକୁ ଏକ ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

କାମରେ ଆସୁନି ସୁନାମୁହିଁ ଭେଣ୍ଡିଂ ଜୋନ୍: ପାଣିରେ ପଡ଼ିଛି ଲକ୍ଷାଧିକ ଟଙ୍କା

ଖଣ୍ଡପଡ଼ା, ୦୨/୫ (ନି.ପ୍ର): ସରକାରୀ ଅଧିକାରୀଙ୍କ ଦୂରଦର୍ଶିତା ଅଭାବରୁ କିଭଳି ଲକ୍ଷ ଲକ୍ଷ ଟଙ୍କା ବରବାଦ ହୁଏ ତାହା ଖଣ୍ଡପଡ଼ା ଏନ୍‌ଏସିରେ ଦେଖିବାକୁ ମିଳିଛି। ସହରାଞ୍ଚଳ ଅଧୀନ ସୁନାମୁହିଁ ଭେଣ୍ଡିଂ ଜୋନ୍‌ରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି। ପ୍ରାୟ ୬ ମାସ ତଳେ ୧୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ବିନିମୟରେ ସୁନାମୁହିଁ ପାର୍କ ନିକଟରେ ଏହି ପ୍ରକଳ୍ପ ନିର୍ମାଣ ସରିଯାଇଛି। ମାତ୍ର ଜନବସତିଠାରୁ ଦୂରରେ ଏଭଳି ଜାଗାରେ ବ୍ୟବସାୟ ନ ହେବା ଆଶଙ୍କା ପ୍ରକାଶ ପାଇଥିବା ବେଳେ ଆଜି ପର୍ଯ୍ୟନ୍ତ ଏହା କାମରେ ଲାଗୁନଥିବା ସୂଚନା ମିଳିଛି। ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ଲକ୍ଷ ନେଇ ଏନ୍‌ଏସି ପକ୍ଷରୁ ଆକଳନ ମୁତାବକ ପ୍ରାୟ ୧୫ ଲକ୍ଷ ଟଙ୍କାର ବ୍ୟୟ ଅଟକଳ କରାଯାଇ ସୁନାମୁହିଁ ପର୍ଯ୍ୟଟନସ୍ଥଳୀ ସମ୍ମୁଖରେ ଏହି ଆମ୍ର ଆକୃତି ଭେଣ୍ଡିଂ ଜୋନ ନିର୍ମାଣ କରାଯାଇଥିଲା। ଏହି ଭେଣ୍ଡିଂ ଜୋନ୍‌ରେ ପ୍ରାୟ ୭ ଫୁଟ ଉଚ୍ଚତା ଏବଂ ୧୦ ଫୁଟ ଗୋଲେଇ ବିଶିଷ୍ଟ ୬ଟି ଆମ୍ର ଆକୃତି ଫାଇବର ଦୋକାନ ଗୃହ ନିର୍ମାଣ କରାଯାଇଥିବା ବେଳେ ପ୍ରତ୍ୟେକ ଦୋକାନ ସମ୍ମୁଖରେ ୪ଟି ଲେଖାଏଁ ସମୁଦାୟ ୨୪ଟି ଆମ୍ର ଆକୃତି ଚୌକି ମଧ୍ୟ ନିର୍ମାଣ କରାଯାଇଛି।

ଫଳରେ ଏଠାକୁ ବିଭିନ୍ନ ସ୍ଥାନରୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକଙ୍କ ଏହି ଭେଣ୍ଡିଂ ଜୋନ୍‌ଟି ବେଶ୍ ଆକର୍ଷିତ କରିଥାନ୍ତା। ତେବେ ଯେଉଁ ଆକାରର ଗୃହଗୁଡ଼ିକ ନିର୍ମାଣ ହୋଇଛି ବ୍ୟବସାୟ ପ୍ରତିଷ୍ଠାନଟିଏ ଚାଲିବା ସମ୍ଭବ ନୁହେଁ ବୋଲି ସ୍ଥାନୀୟ ବ୍ୟବସାୟୀ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ବିଦ୍ୟୁତ, ପାନୀୟ ଜଳ ଭଳି ମୌଳିକ

ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାରାଲିଗାଲ କର୍ମଚାରୀଙ୍କୁ ପ୍ରଶିକ୍ଷଣ

ଭଦ୍ରକ, ୦୨/୫ (ନି.ପ୍ର): ଭଦ୍ରକ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆଇନସେବା ପ୍ରାଧିକରଣ ସଭାଗୃହ ପରିସରରେ ସଚିବ ନେହା ଅଗ୍ରୱାଲ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ତରଫରୁ ନୂତନଭାବେ ନିଯୁକ୍ତ ହୋଇଥିବା ପାରାଲିଗାଲ କର୍ମଚାରୀମାନଙ୍କୁ ଆଇନ୍ ବାବଦରେ ବିଭିନ୍ନ ପ୍ରଶିକ୍ଷକଙ୍କ ସହଯୋଗରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । ଦକ୍ଷ ପ୍ରଶିକ୍ଷକ ଭାବେ ସେକ୍ ଅଲିଅକତାର, ନାରାୟଣ ପ୍ରସାଦ ବେହେରାଙ୍କ ସମେତ ଜିଲ୍ଲା ଶିଶୁ ସୁରକ୍ଷା ବିଭାଗର ଆଇନ ପ୍ରେବେସନ ଅଧିକାରୀ ସୁବ୍ରତ ଦାସ ପ୍ରମୂଖ ଯୋଗଦାନ କରି ପ୍ରାକ୍ ମାଲିମକଦ୍ଦମା, ଅପରାଧିକ ଆଇନ ପରାମର୍ଶ ସେବା ଲୋକ ଅଦାଲତ ଇତ୍ୟାଦି ସଂପର୍କରେ ବିଷଦ ଆଲୋଚନା କରାଯାଇଥିଲା । ଆଇନସେବା ପ୍ରାଧିକରଣ ପକ୍ଷରୁ କର୍ମକର୍ତ୍ତା ସରୋଜିନୀ ବେହେରା, ଶିବାନୀ ତ୍ରିପାଠୀ, ସାଜ କାଦ୍ରୀ, ସରୋଜ ସେଠୀ ପ୍ରମୂଖ ପରିଚାଳନା ରେ ସହଯୋଗ କରିଥିଲେ, ପରିଶେଷରେ ନରେନ୍ଦ୍ର ସାମଲଙ୍କ ଦ୍ୱାରା ଧନ୍ୟବାଦ ଅର୍ପଣ କରାଯାଇଥିଲା ।

କଂଟାବାଂଝି ଓ ଟିଟିଲାଗଡ ନିର୍ବାଚନ ମଣ୍ଡଳୀ ପାଇଁ ପ୍ରାର୍ଥୀପତ୍ର ଦାଖଲ

ବଲାଙ୍ଗିର, ୦୨/୫ (ନି.ପ୍ର): ଆଜି ଟିଟିଲାଗଡ ଉପଖଣ୍ଡର ୭୦-କଂଟାବାଞ୍ଜି ନିର୍ବାଚନୀ ମଣ୍ଡଳୀ ନିମନ୍ତେ ମୁଖ୍ୟମନ୍ତ୍ରୀ, ଓଡିଶା ନବୀନ ପଟ୍ଟନାୟକ ଦୁଇ ସେଟ ନାମାଙ୍କନ ପତ୍ର ରିଟେର୍ନିଙ୍ଗ ଅଧିକାରୀ, ୭୦-କଂଟାବାଞ୍ଜି ନିର୍ବାଚନୀ ମଣ୍ଡଳୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରାଙ୍କ ନିକଟରେ ଦାଖଲ କରିଛନ୍ତି, ସେହିପରି ଭାବେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ପାଣ୍ଡବ ଭୋଇ , ସ୍ୱାଧୀନ ପ୍ରାର୍ଥୀ ଭାବେ ସୁରଥ ବେହେରା ପ୍ରମୁଖ ରିଟେର୍ନିଙ୍ଗ ଅଧିକାରୀ, ୭୦-କଂଟାବାଞ୍ଜି ନିର୍ବାଚନୀ ମଣ୍ଡଳୀ ତଥା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ପବିତ୍ର ବେହେରାଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ୬୯-ଟିଟିଲାଗଡ ନିମନ୍ତେ ଟୁକୁନୀ ସାହୁ ୪ ଗୋଟି ସେଟ ଉପ ଜିଲ୍ଲାପାଳ-ତଥା- ରିଟେର୍ନିଙ୍ଗ ଅଧିକାରୀ, ୬୯-ଟିଟିଲାଗଡ ନିର୍ବାଚନୀ ମଣ୍ଡଳୀ ରେହାନ କ୍ଷେତ୍ରୀଙ୍କ ନିକଟରେ ନିଜର ନାମାଙ୍କନ ପତ୍ର ଦାଖଲ କରିଛନ୍ତି ।

ପାନୀୟ ଜଳ ଅଭାବ: ମହିଳାଙ୍କ ଦାବିପତ୍ର ପ୍ରଦାନ

କେନ୍ଦ୍ରାପଡ଼ା , ୦୨/୫ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ କଳପଡା ପଂଚାୟତ ର ନାଗପାଟଣା ଗ୍ରାମରେ ପାନୀୟ ଜଳ ଅଭାବ ହେତୁ ଗ୍ରାମର ଶତାଧିକ ମହିଳା ଜିଲ୍ଲା ଗ୍ରାମୀଣ ପାନୀୟ ଜଳ ଯୋଗାଣ କାର୍ଯ୍ୟାଳୟ ଘେରାଉ କରି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ସମାଜସେବୀ ଚନ୍ଦନ ଦାସଙ୍କ ନେତୃତ୍ୱରେ ଗ୍ରାମର ଶତାଧିକ ମହିଳା ଦୀର୍ଘ ୧ ମାସ ରୁ ଉର୍ଦ୍ଧ୍ୱ ହେବ ଗ୍ରାମକୁ ଯୋଗାଉ ଥିବା ପାଇପରେ ପାଣି ନ ଆସିବାରୁ ସ୍ଥାନୀୟ ଗ୍ରାମବାସୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏନେଇ ବାରମ୍ବାର ଗ୍ରାମବାସୀ ମାନେ ପ୍ରତିବାଦ କଲେ ମଧ୍ୟ କୌଣସି ବ୍ୟବସ୍ଥା ନ ହେବାରୁ ସ୍ଥାନୀୟ ଗ୍ରାମବାସୀ ଏକତ୍ରିତ ହୋଇ ବିଭାଗୀୟ କାର୍ଯ୍ୟାଳୟକୁ ଆସି ତୁରନ୍ତ ପାନୀୟ ଜଳ ଯୋଗାଇବାକୁ ଦାବି କରିଛନ୍ତି । ଏହି ଦାବିପତ୍ର ପ୍ରଦାନ ସମୟରେ ଚିନ୍ମୟୀ ପ୍ରସାଦ ବେହେରା, ହରିହର ରଣା, ବାବାଜୀ ରଣା, ସଂଯୁକ୍ତା ସ୍ୱାଇଁ, ସରସ୍ୱତୀ ରଣା ପ୍ରମୁଖ ଉପସ୍ଥିତ ଥିଲେ ।

ମା' ସମଲେଇଙ୍କ ଆଶୀର୍ବାଦ ନେଇ ସମ୍ବଲପୁର ଲୋକସଭା ପାଇଁ ପ୍ରାର୍ଥିପତ୍ର ଦାଖଲ କଲେ କେନ୍ଦ୍ରମନ୍ତ୍ରୀ

ସମ୍ବଲପୁର, ୦୨/୫ (ନି.ପ୍ର): ସମ୍ପୂର୍ଣ୍ଣ ଓଡ଼ିଶା ମୋ ପରିବାର ଓ ସମ୍ବଲପୁର ମୋର ଘର । ଏଠାରୁ ମୁଁ ପ୍ରାର୍ଥୀ ହୋଇଛି । ଏହାର ସବୁ ସୁଖ ଦୁଃଖରେ ସାମିଲ ହେବି । ସମ୍ବଲପୁର ସମେତ ଓଡ଼ିଶା ମାଟିର ସେବା କରିବା ପାଇଁ ମୁଁ ସବୁବେଳେ ଆଗଭର ରହିବି ବୋଲି ଗୁରୁବାର ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେପି ପକ୍ଷରୁ ପ୍ରାର୍ଥୀପତ୍ର ଦାଖଲ କରିବା ପରେ କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ସମ୍ବଲପୁର ସଂସଦୀୟ କ୍ଷେତ୍ରର ଲୋକସଭା ପ୍ରାର୍ଥୀ ଶ୍ରୀ ପ୍ରଧାନ ଆଜି ଏକ ବିରାଟ ଶୋଭାଯାତ୍ରାରେ ଯାଇ ନାମାଙ୍କନ ପତ୍ର ଦାଖଲ କରିଛନ୍ତି । ପ୍ରଥମେ ଶ୍ରୀ ପ୍ରଧାନ ଗ୍ରୀନପାର୍କ ସ୍ଥିତ ହନୁମାନ ମନ୍ଦିର ଏବଂ ପରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଦର୍ଶନ କରିଥିଲେ । ସ୍ଥାନୀୟ କଳାକାରଙ୍କ ବାଦ୍ୟବାଜଣାର ତାଳେ ତାଳେ ସମର୍ଥକଙ୍କ ଗହଣରେ ମା' ସମଲେଶ୍ୱରୀଙ୍କ ପୀଠରୁ ଶୋଭାଯାତ୍ରା ବାହାରି ରାମଜୀଗୁଡ଼ି, ବାଲିବନ୍ଧା, କୁଞ୍ଜେଲପଡ଼ା, ଝାଡୁଆପଡ଼ା, ନନ୍ଦପଡ଼ା, ଦଲେଇପଡ଼ା, ମ୍ୟୁନିସିପାଲଟି ଛକ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିଲା । ନାମାଙ୍କନ ପତ୍ର ଦାଖଲ ପାଇଁ ଆୟୋଜିତ ରୋଡ୍ ସୋ'ରେ ସମ୍ବଲପୁରର ବିଜେପି ବିଧାୟକ ପ୍ରାର୍ଥୀ ଜୟ ନାରାୟଣ ମିଶ୍ରଙ୍କ ସହ ଅନ୍ୟାନ୍ୟ ବିଧାୟକ ପ୍ରାର୍ଥୀ ଏବଂ ହଜାର ହଜାର ସଂଖ୍ୟାରେ ସାଧାରଣ ନାଗରିକ, ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତାମାନେ ଯୋଗ ଦେଇଥିଲେ । ଏଥିରେ ସମ୍ବଲପୁରର କଳା, ସଂସ୍କୃତି ଓ ପରମ୍ପରାର ଝଲକ ଦେଖାଯାଇଥିଲା । ସହରର ବିଭିନ୍ନ ସ୍ଥାନରେ କେନ୍ଦ୍ରମନ୍ତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । 'ଅବକୀ ବାର, ୪୦୦ ପାର', 'ଏଥର ଦରକାର ବିଜେପି ସରକାର', 'ଓଡ଼ିଶାରେ ଏଥର ଡବଲ ଇଞ୍ଜିନ ସରକାର' ନାରା ଦେଉଥିଲେ ସମର୍ଥକ । ସମ୍ବଲପୁର ସହର ରାସ୍ତାର ଅନେକ ସ୍ଥାନରେ ଝୋଟିଟିତା ସହ ପଦ୍ମଫୁଲ ଚିତ୍ର ଅଙ୍କା ଯାଇଥିବା ଦେଖିବାକୁ ମିଳିଥିଲା । ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିବା ପରେ ଏସସି, ଏସଟି, ଓବିସି ଓ ମହିଳା ସମାଜର ୪ ଜଣ ପ୍ରସ୍ତାବକଙ୍କ ଉପସ୍ଥିତିରେ କେନ୍ଦ୍ରମନ୍ତ୍ରୀ ପ୍ରାର୍ଥିପତ୍ର ଦାଖଲ କରିଥିଲେ । ଏହି ଅବସରରେ କେନ୍ଦ୍ରମନ୍ତ୍ରୀ କହିଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ ଏବଂ ଅଧିଷ୍ଠାତ୍ରୀ ଦେବୀ ମା'ସମଲେଶ୍ୱରୀଙ୍କ ଆଶୀର୍ବାଦ ନେଇ ସମ୍ବଲପୁର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବା ମୋ ପାଇଁ ଅତ୍ୟନ୍ତ ସୌଭାଗ୍ୟର ବିଷୟ । ନାମାଙ୍କନ ପତ୍ର ଦାଖଲ ପାଇଁ ଆୟୋଜିତ ରୋଡ୍ ସୋ'ରେ ଓଡ଼ିଆ ସମାଜ ପ୍ରତି ପ୍ରତିବଦ୍ଧତା ରଖୁଥିବା ହଜାର ହଜାର ସଂଖ୍ୟାରେ ସାଧାରଣ ନାଗରିକ, ନେତୃମଣ୍ଡଳୀ, କାର୍ଯ୍ୟକର୍ତ୍ତା ଓ ସମର୍ଥକମାନେ ଯୋଗଦେବା ମୋର ଆତ୍ମବିଶ୍ୱାସ ବଢ଼ାଇଛି । ଚଳିତ ନିର୍ବାଚନ ନିର୍ବାଚନ ନୀତି ଓ ପ୍ରସଙ୍ଗ ଉପରେ ହେଉଛି । ଓଡ଼ିଶାର ଓ ଭାରତର ଭବିଷ୍ୟତ ପାଇଁ ନିର୍ବାଚନ ହେଉଛି । ମୁଁ ଏହାର ନିମିତ୍ତ ମାତ୍ର । ଲୋକଙ୍କର ଆକାଂକ୍ଷା ଓ ଅପେକ୍ଷାକୁ ପୂରଣ କରିବା ସହ ସମ୍ବଲପୁରର ମାନ ମର୍ଯ୍ୟାଦାକୁ ବୈଶ୍ୱିକ ସ୍ତରକୁ ନେବା ପାଇଁ ଦାୟିତ୍ୱ ନେବି । କେନ୍ଦ୍ରମନ୍ତ୍ରୀ ଆହୁରି କହିଛନ୍ତି ଯେ ଓଡ଼ିଶାରେ ଯେଉଁଭଳି ଭାବରେ ରାଜନୈତିକ ବାତାବରଣ ଦେଖାଯାଇଛି ଆଜିର ଶୋଭାଯାତ୍ରା ପରିବର୍ତ୍ତନର ଲକ୍ଷଣକୁ ଦର୍ଶାଉଛି । ଦୀର୍ଘ ୨୪ ବର୍ଷ ଶାସନ ପରେ ଲୋକମାନେ ମୌଳିକ ସୁବିଧାରୁ ବଞ୍ଚିତ ଅଛନ୍ତି । ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ, ରୋଜଗାର ସମସ୍ୟା ନେଇ ସ୍ଥାନୀୟ ସରକାର ବିରୋଧରେ ଜନ ଆକ୍ରୋଶ ଦେଖାଯାଇଛି । ଅପରପକ୍ଷରେ ମୋଦୀଙ୍କ ପ୍ରତି ଯେଉଁ ଆସ୍ଥା ହୋଇଛି, ତାହାର ସମ୍ମିଶ୍ରଣରେ ଏକ ଭାବନାତ୍ମକ ପ୍ରତିଫଳନ ଦେଖିବାକୁ ମିଳିଛି । ନରେନ୍ଦ୍ର ମୋଦୀ ଦେଶର ତୃତୀୟ ଥର ପ୍ରଧାନମନ୍ତ୍ରୀ ହେବେ । ଓଡ଼ିଶାରେ ବିକଳ୍ପ ସରକାର ହେବ । ଓଡ଼ିଶାରେ ପରିବର୍ତ୍ତନ ନିଶ୍ଚୟ ହେବ । ଓଡ଼ିଆ ଅସ୍ମିତାର ସୁରକ୍ଷା ତଥା ସ୍ୱାଭିମାନ ପାଇଁ ବିଜେପି ହାତରେ କ୍ଷମତା ଦେବାକୁ ଓଡ଼ିଆ ଲୋକେ ମନସ୍ଥ କରି ସାରିଛନ୍ତି । ମା' ସମଲେଇଙ୍କ ଆଶୀର୍ବାଦରେ ଏଥର ବିଜେପି ସରକାର ଦେଶରେ ୪୦୦ ସିଟରୁ ଅଧିକ ଆସନ ହାସଲ କରିବା ସହ ଓଡ଼ିଶାରେ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରିବାକୁ ଯାଉଛି । ବିକଶିତ ସମ୍ବଲପୁର, ବିକଶିତ ଓଡ଼ିଶା ଓ ବିକଶିତ ଭାରତ ତଥା ଓଡ଼ିଆ ଅସ୍ମିତାର ଲଢେଇରେ ସାମିଲ ହେବା ପାଇଁ ସୁଯୋଗ ଦେଇଥିବାରୁ ସମ୍ବଲପୁରର ପ୍ରତ୍ୟେକ ଜନସାଧାରଣଙ୍କୁ କେନ୍ଦ୍ରମନ୍ତ୍ରୀ ଧନ୍ୟବାଦ ଜଣାଇବା ସହ ପଦ୍ମଫୁଲରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ।

ଦକ୍ଷିଣପୂର୍ବ ରେଳପଥ ଟେଣ୍ଡର

ଭାରତର ରାଷ୍ଟ୍ରପତିଙ୍କ ତରଫରୁ, Sr.DEE / TRD, ଦକ୍ଷିଣ ପୂର୍ବ ରେଳ, ଖଡ଼ଗପୁର -୭୧୨୩୦୧ **୧୫.୦୦ ଘଣ୍ଟା** ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡରକୁ ଆମନ୍ତ୍ରଣ କରିଥାଏ । ଆଇଟମଗୁଡିକ ବିରୁଦ୍ଧରେ ଉଲ୍ଲେଖ କରାଯାଇଥିବା ତାରିଖ ଏବଂ **୧୫.୩୦ ଘଣ୍ଟାରେ** ଖୋଲାଯିବ । **(୧) ଟେଣ୍ଡର ନୋଟିସ୍ ନଂ: TRD-KGP-W-2024-25-03,** ତାରିଖ: ୦୧.୦୫.୨୦୨୪ । **କାର୍ଯ୍ୟର ବର୍ଣ୍ଣନା:** ମାଙ୍କଡ଼ ବିପଦକୁ ରୋକିବା ପାଇଁ OHE ମାଷ୍ଟ / ପୋର୍ଟାଲ୍ / ଟିଟିସିରେ ଆଣ୍ଟିକଲିମ୍ବିଂ ଉପକରଣ ବ୍ୟବସ୍ଥା, ଜୀବନ୍ତ ଅଂଶ ଏବଂ ପୃଥିବୀର ଅଭାବକୁ ରୋକିବା ପାଇଁ ST, BT ଏବଂ ୯ ଟନ୍ ଇନସୁଲେଟରରେ ଆଣ୍ଟି ବାର୍ଡ ଡିସ୍କ ବ୍ୟବସ୍ଥା, ୧୮ ମିମି ପ୍ରଦାନ ଖଡ଼ଗପୁର ଡିଭିଜନ୍ ଅନ୍ତର୍ଗତ ପୋର୍ଟାଲ୍ ବୁମ୍ ଭିତରେ UV ସଂରକ୍ଷିତ HDPE ଜାଲର ବିଚ୍ଛିନ୍ନତା ଉପରେ ତମ୍ବା ବସ୍ ବାର୍ ବ୍ୟବସ୍ଥା । **ଟେଣ୍ଡର ମୂଲ୍ୟ :** ୧ , ୮ ୪ , ୩ ୬ , ୬ ୭ ୦ **ଇଏମଡି** ୨,୪୨,୨୦୦ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ଖୋଲିବାର ତାରିଖ:** ୨୩.୦୫.୨୦୨୪ ସମାପ୍ତି ସମୟ: ୧୨ (ବାର) ମାସ । **ଦାଖଲ ତାରିଖ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୩.୦୫.୨୦୨୪ ର (୨) ଟେଣ୍ଡର ନୋଟିସ୍ ନଂ: **TRD-KGP-W-2024-25-04,** ତାରିଖ: ୦୧.୦୫.୨୦୨୪ । **କାର୍ଯ୍ୟଗୁଡ଼ିକର ବର୍ଣ୍ଣନା:** ୫୬ ନଂ ମରାମତି । 10KVA ଏବଂ ୦୩ ନଂ । ଖଡ଼ଗପୁର ବିଭାଗ ଅଧୀନରେ 25KVA ସହାୟକ ଟ୍ରାନ୍ସଫର୍ମର, ୨୫କଠ / ୨୪୦୦ । **ଟେଣ୍ଡର ମୂଲ୍ୟ:** ୧୧,୧୭,୦୨୭.୦୭ **ଇଏମଡି:** ୨୨,୪୦୦ **ଟେଣ୍ଡର ଡକ୍ୟୁମେଣ୍ଟର ମୂଲ୍ୟ:** ନିଲ୍ । **ଖୋଲିବାର ତାରିଖ:** ୨୩.୦୫.୨୦୨୪ **ସମାପ୍ତି ସମୟ:** ୦୬ (ଛଅ) ମାସ । **ଦାଖଲ ତାରିଖ:** ୧୫.୦୦ ଘଣ୍ଟା ପର୍ଯ୍ୟନ୍ତ । ୨୩.୦୫.୨୦୨୪ ର ଇଚ୍ଛୁକ ଟେଣ୍ଡରକାରୀମାନେ ସମ୍ପୂର୍ଣ୍ଣ ବିବରଣୀ, ବର୍ଣ୍ଣନା, ଟେଣ୍ଡରର ନିର୍ଦ୍ଦିଷ୍ଟକରଣ ପାଇଁ ୱେବସାଇଟ୍ **www.ireps.gov.in** ପରିଦର୍ଶନ କରିପାରିବେ ଏବଂ ଅନଲାଇନରେ ସେମାନଙ୍କର ବିଡ୍ ଦାଖଲ କରିପାରିବେ । କୌଣସି କ୍ଷେତ୍ରରେ ଏହି କାର୍ଯ୍ୟ ପାଇଁ ମାନୁଆଲ୍ ଟେଣ୍ଡର ହେବ ନାହିଁ । **ଟିପ୍ପନୀ:** ସମସ୍ତ ଟେଣ୍ଡରରେ ଭାଗ ନେବାକୁ ଆଶାକର୍ମୀମାନେ ନିୟମିତ ଭାବରେ **www.ireps.gov.in** ପରିଦର୍ଶନ କରିପାରିବେ ।

(PR-104)

ରିଲ୍ସ କରିବା ନିଶା : କାଉଡିଆ ନଈକୁ ଡେଇଁଲା ନାବାଳକ : ୨୪ ଘଣ୍ଟା ପରେ ମୃତ ଦେହ ଉଦ୍ଧାର

ପାରାଦୀପ, ୦୨/୫ (ନି.ପ୍ର): କାଉଡ଼ିଆ ନଦୀରେ ଘଟି ଯାଇଛି ଏକ ଅଘଟଣ।ଦଶମ ଶ୍ରେଣୀରେ ପଢୁଥିବା ୧୭ ବର୍ଷର ଜଣେ ନାବାଳକ ଗତକାଲି ମଧ୍ୟାହ୍ନ ସମୟରେ ପାରାଦୀପ ଅଠରବାଙ୍କୀ ଫ୍ଲାଏ ଓଭର ବ୍ରିଜ୍ ଉପରେ ରିଲ୍ସ କରୁଥିବା ବେଳେ କାଉଡିଆ ନଈରେ ପଡିଯାଇଥିଲା । ଜନୈକ ନାବାଳକ କୁ ବହୁ ଖୋଜାଖୋଜି ପରେ ଆଜି ଗୁରୁବାର ଦିନ ସକାଳେ ଏହି ନାବାଳକ ଙ୍କ ମୃତଦେହ ସେହି ସ୍ଥାନରେ ଉଦ୍ଧାର ହୋଇଛି । ଘଟଣାରୁ ପ୍ରକାଶଯେ, ପାରାଦୀପ ଉପକଣ୍ଠ ଅଠରବାଙ୍କି ଅମ୍ବିକା ସ୍କୁଲ ନିକଟସ୍ଥ ଗୋପିନାଥ କଲୋନୀରେ ରହୁଥିବା ଉଲ୍ଲାସ ଲେଙ୍କାଙ୍କ ଏକ ମାତ୍ର ପୁଅ ତ୍ରିଲୋଚନ ଲେଙ୍କା ବୁଧବାର ଦିନ ମଧ୍ୟାହ୍ନ ରେ ଅଠରବାଙ୍କୀ ଫ୍ଲାଏ ଓଭର ବ୍ରିଜ୍ ଉପରେ ରିଲ୍ସ କରୁଥିଲେ । କୌଣସି କାରଣରୁ ତ୍ରିଲୋଚନ କାଉଡିଆ ନଈରେ ପଡି ନିଖୋଜ ହୋଇଯାଇଥିଲେ । ଖବର ପାଇ ପାରାଦୀପ ପୋଲିସ୍, ଦମକଳ ବାହିନୀ, ମାଛଧରା ଡଙ୍ଗା ସାହାଯ୍ୟରେ ଦିନ ତମାମ ଖୋଜାଖେଜି କରି ନିରାଶ ହୋଇଥିଲେ ।ଆଜି ଗୁରୁବାର ମଧ୍ୟାହ୍ନ ସମୟରେ ତ୍ରିଲୋଚନର ମୃତ ଦେହ ଉଦ୍ଧାର ହେବା ପରେ ବ୍ୟବଚ୍ଛେଦ ନିମନ୍ତେ ପଠାଇଛି ପୋଲିସ୍ । ପୋଲ ଉପରେ ଥୁଆ ହୋଇଥିବା ନାବାଳକ ର ସାର୍ଟ, ମୋବାଇଲ୍ ଓ ଚପଲ କୁ ଜବତ କରିଛି ପୋଲିସ ।

ମହାବୀର ସଂଘ ପକ୍ଷରୁ ଜଳଛତ୍ର

କୋରେଇ, ୦୨/୫ (ନି.ପ୍ର): ପ୍ରଚଣ୍ଡ ରୌଦ୍ରତାପକୁ ଆଖି ଆଗରେ ରଖି ୧୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱ ମହାବୀର ମନ୍ଦିର ନିକଟରେ ମହାବୀର ସଂଘ ପକ୍ଷରୁ ଜଳଛତ୍ର ଖୋଲାଯାଇଛି । ପଥାଚାରୀ, ବାଇକ ଆରୋହୀ, ଗାଡି ଚାଳକ ଓ ଯାତ୍ରୀ ମାନ୍‌ଙ୍କୁ ଦହି ପାଣି ବଂଟନ କରାଯାଇ ସେମାନଙ୍କ ତୃଷା ମେଂଟାଇବାକୁ ପ୍ରଚେଷ୍ଟା ଜାରି ରହିଛି । ଅଦୈତ ଚରଣ ଦାଶ, ଅନାମ ମହାପାତ୍ର, କୁଳମଣୀ ସାହୁ, ନାରାୟଣ କରଣ, କାର୍ତିକ ସାହୁ ଙ୍କ ସମେତ ଆମେ ଆପଣଙ୍କ ପାଇଁ ହେଲପିଂଗ ଗ୍ରୁପର ଅଶୋକ କୁମାର ଦାସ, ହରେକୃଷ୍ଣ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

ପାରିବାରିକ କଳହରୁ ଆତ୍ମହତ୍ୟା

କୋରେଇ, ୦୨/୫ (ନି.ପ୍ର): ପାରିବାରିକ କଳହରୁ ଘରୁ ରାଗିକି ଯାଇ ନିକଟସ୍ଥ ପୋଖରୀ ହୁଡାରେ ଥିବା ଏକ ଗଛରେ ରଶି ଲଗାଇ ଆତ୍ମହତ୍ୟା କରିବା ବ୍ୟକ୍ତିଙ୍କୁ ଉଦ୍ଧାର କରି ପୁଲିସ ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି । ପାଣିକୋଇଲି ଥାନା ଅନ୍ତର୍ଗତ କରଦା ପଂଚାୟତର ରାଣିଗୋଡା ଓଝାସିହିର ଶତ୍ୟଘ୍ନ ଓଝାଙ୍କ ଝୁଲନ୍ତା ମୃତ ଶରୀର ଆଜି ସକାଳୁ ଲୋକମାନେ ଦେଖି ତାର ପରିବାରକୁ ଖବର ଦେଇଥିଲେ । ପରିବାର ଲୋକ ଏହା ଦେଖି ପାଣିକୋଇଲି ଥାନାରେ ଲିଖିତ ଭାବେ ଜଣାଇବା ପରେ ପୁଲିସ ଏମ ଅପମୃତ୍ୟୁ ମାମଲା ୭/୨୪ ରୁଜୁ କରି ଘଟଣାସ୍ଥଳେ ପହଂଚି ପଂଚନାମା କରି ଶବବ୍ୟବଚ୍ଛେଦ ପାଇଁ ପଠାଇଛି । ପ୍ରକାଶଯେ ରାଣୀଗୋଡା ଗ୍ରାମର ଗଗନ ବିହାରୀ ନାଥଙ୍କ ପୁଅ ଶତ୍ରୁଘ୍ନ ନାଥ (୫୨) ସବୁ ସମୟରେ ନିଶାଗ୍ରସ୍ଥ ହୋଇ ପରିବାରରେ ଅଶାନ୍ତି ସୃଷ୍ଟି କରୁଥିଲା । ବୁଧବାର ରାତ୍ରୀରେ ମଧ୍ୟ ନିଶାସକ୍ତ ଭାବେ ଆସି ଘରେ ପହଂଚି ପୁଅକୁ ଖୋଜିଥିଲା । ପୁଅ ଘରେ ନଥିବାରୁ ଗାଁ ମଧ୍ୟକୁ ଯାଇ ତାକୁ ପାଇ ମାରଧର କରିଥିଲା । ପରେ ଘରକୁ ଆସି ଏନେଇ ଗଣ୍ଡଗୋଳ ଆରମ୍ଭ କରିଥିଲା । ପରେ ଘରୁ ରାଗି ପଳାଇଯାଇଥିଲା । ପୂର୍ବରୁ ମଧ୍ୟ ଏଭଳି ବାରମ୍ବାର ଘଟୁଥିଲା । ଗଣ୍ଡଗୋଳ କରି ଘରୁ ପଳାଇ ପୁଣି ଘରକୁ ଫେରୁଥିବା ବେଳେ ହେଲେ ବୁଧବାର ରତ୍ରୀରୁ ଆଉ ଘରକୁ ଫେରିନଥିଲା । ଆଜି ସକାଳୁ ଗ୍ରାମ ନିକଟସ୍ଥ ତେଲିଆ ପୋଖରୀ କୂଳରେ ଥିବା ଏକ ରାଧାଚୁଡା ଗଛରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଥିଲା । ଏନେଇ ତାଙ୍କ ସ୍ତ୍ରୀ ବାସନ୍ତୀ ନାଥ ପାଣିକୋଇଲି ଥାନାରେ ଜଣାଇବା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା । ବ୍ୟବଚ୍ଛେଦ ପରେ ପୁଲିସ ତାର ଶବକୁ ପରିବାରକୁ ହସ୍ତାନ୍ତର କରିଥିଲା ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

ଉପକୂଳରେ କମିଲା...

୪୨.୫ ଡିଗ୍ରୀ, ସୁନ୍ଦରଗଡ଼ରେ ୪୨.୨ ଡିଗ୍ରୀ, ହୀରକୁଦରେ ୪୨.୧ ଡିଗ୍ରୀ, କେନ୍ଦୁଝରରେ ୪୨.୧ ଡିଗ୍ରୀ, ଫୁଲବାଣୀରେ ୪୧.୯ ଡିଗ୍ରୀ ଓ ଚାନ୍ଦବାଲିରେ ତାପମାତ୍ରା ୪୧.୨ ଡିଗ୍ରୀ ରେକର୍ଡ କରାଯାଇଛି । ସେହିପରି ବାଲେଶ୍ୱରରେ ତାପମାତ୍ରା ୪୧.୨ ଡିଗ୍ରୀ, ଭଦ୍ରକରେ ୪୧ ଡିଗ୍ରୀ, ରାଉରକେଲାରେ ୪୧ ଡିଗ୍ରୀ, ବରଗଡ଼ରେ ୪୦.୬ ଡିଗ୍ରୀ, ଖୋର୍ଦ୍ଧାରେ ୪୦.୫ ଡିଗ୍ରୀ, ଛତ୍ରପୁରରେ ୪୦.୫ ଡିଗ୍ରୀ, ପାରଳାଖେମୁଣ୍ଡିରେ ୪୦.୨ ଡିଗ୍ରୀ, କେନ୍ଦ୍ରାପଡ଼ାରେ ୪୦ ଡିଗ୍ରୀ, ରାୟଗଡ଼ାରେ ୪୦ ଡିଗ୍ରୀ, ଦେବଗଡ଼ରେ ୩୯.୮ ଡିଗ୍ରୀ, ନବରଙ୍ଗପୁରରେ ୩୯.୫ ଡିଗ୍ରୀ, ଭୁବନେଶ୍ୱରରେ ୩୯ ଡିଗ୍ରୀ, କୋରାପୁଟରେ ୩୮.୮ ଡିଗ୍ରୀ, କଟକରେ ୩୮.୬ ଡିଗ

ଶୁକ୍ରବାର, ମଇ ୦୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

ଶନିବାର ରାଷ୍ଟ୍ରୀୟଲୋକ ଅଦାଲତ

ଭଦ୍ରକ, ୦୨/୫ (ନି.ପ୍ର): ଭଦ୍ରକରେ ଜିଲ୍ଲାସ୍ତରୀୟ ଓ ତାଲୁକସ୍ତରୀୟ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୧୧.୦୫.୨୦୨୪ ରେ ଅନୁଷ୍ଠିତ ହେବ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫୌଜଦାରୀ (ସାଲିସ୍ ଯୋଗ୍ୟ) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କରଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ ଜଳ ଓ ଅନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ୍ ବିହିନ ବିବାଦକୁ ବାଦ୍ ଦେଇ) ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ), ଜମି ଅଧିଗ୍ରହଣ, ଚାକିରି, ସମ୍ବନ୍ଧୀୟ (ଦରମା, ଭତ୍ତା ଓ ଅବସରକାଳୀନ ପ୍ରାପ୍ୟ) ରାଜସ୍ୱ, ମୋଟର ଯାନ ସମ୍ବନ୍ଧୀୟ ଓ ଅନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ଆପୋସ ସହମତିରେ ସମାଧାନ କରାଯାଇପାରିବ। କେବଳ ବିଚାରାଧୀନ ମୋକଦ୍ଦମା ନୁହେଁ ପ୍ରାକ ମୋକଦ୍ଦମାସ୍ତରୀୟ (କଚେରୀରେ ଦାୟର ହୋଇ ନଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ଅନ୍ୟ ସାଲିସ୍ ଯୋଗ୍ୟ ଫୌଜଦାରୀ ଓ ଅନ୍ୟ ଦେୱାନୀ ମୋକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇପାରିବ। ଲୋକଅଦାଲତରେ ମକଦ୍ଦମା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତର ରାୟ

ବୈଧ, ଚୂଡ଼ାନ୍ତ ଏବଂ ଅନ୍ୟଥାଯୋଗ୍ୟ। ଯଦି କୌଣସି ବିଚାରାଧୀନ ମୋକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ ଆଗରୁ ପଇଠ କୋର୍ଟ ଫି ଫେରସ୍ତ ହୋଇପାରିବ। ସବିଶେଷ ବିବରଣୀ ନିମନ୍ତେ ଜିଲ୍ଲା ଆଇନ ସେବା ପ୍ରାଧିକରଣ କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବାକୁ ଭଦ୍ରକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ସୂଚନା ଦିଆଯାଇଛି।

କୃଷି ଜିଲ୍ଲା ଅଧିକାରୀ ଶ୍ରୀଧର ଦାସଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ସଭା

ଭଦ୍ରକ, ୦୨/୫ (ନି.ପ୍ର): କୃଷି ବିଭାଗରେ ଦୀର୍ଘ ୩୫ ବର୍ଷ ସେବା ପ୍ରଦାନ କଲାପରେ ଭଦ୍ରକର କୃଷିଜିଲ୍ଲା ଅଧିକାରୀ ଶ୍ରୀଧର ଦାସ ଅବସର ଗ୍ରହଣ କରିଛନ୍ତି। ଏହି ଅବସରରେ ଭଦ୍ରକ କୃଷି ବିଭାଗ ତରଫରୁ ଶହୀଦ୍ ସ୍ମୃତି ଭବନରେ ଶ୍ରୀ ଦାସଙ୍କ ଉଦ୍ଦେଶ୍ୟରେ ଏକ ସମ୍ବର୍ଦ୍ଧନା ସଭା ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ନାରାୟଣ ଚନ୍ଦ୍ର ଉପାଧ୍ୟାୟଙ୍କ ପୌରୋହିତ୍ୟରେ ଆୟୋଜନ କରାଯାଇଥିଲା। ଏଥିରେ ରାଣୀତାଲ ଆଞ୍ଚଳିକ ଗବେଷଣା କେନ୍ଦ୍ରର ସହଯୋଗୀ ଗବେଷଣା ନିର୍ଦ୍ଦେଶକ ଡଃ ଉମାଶଙ୍କର ନାୟକ, କୃଷିବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡଃ ସଞ୍ଜୟ କୁମାର ମହାନ୍ତି, ପରିସଂଖ୍ୟାନ ବିଭାଗର ଯୁଗ୍ମ ନିର୍ଦ୍ଦେଶକ ମହେଶ ଚନ୍ଦ୍ର ସ୍ୱାଇଁ,

ଧାମନଗର କୃଷି ଜିଲ୍ଲା ଅଧିକାରୀ ଗଣେଶ ପ୍ରସାଦ ମାଝୀ ଓ ଯାଜପୁର ରୋଡ଼ କୃଷିଜିଲ୍ଲା ଅଧିକାରୀ ଅରୁଣ କୁମାର ପାତ୍ର, ସହକାରୀ କୃଷି ନିର୍ବାହୀ ଯନ୍ତ୍ରୀ ନୀରୋଦ ବେହେରା ଓ ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡଃ ହୃଷିକେଶ ବେହେରା ଯୋଗଦାନ କରିଥିଲେ। ଜିଲ୍ଲାର ସମସ୍ତ ଗ୍ରାମର କୃଷି କର୍ମଚାରୀ ଏଟିମ୍, ବିଟିଏମ୍, କୃଷି ଅଧିଦର୍ଶକ, ସହକାରୀ କୃଷି ଅଧିକାରୀ, ବ୍ଲକ କୃଷି ଅଧିକାରୀ, ସହକାରୀ କୃଷିଯନ୍ତ୍ରୀ ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ରହି ଶ୍ରୀ ଦାସଙ୍କ କାର୍ଯ୍ୟଦକ୍ଷତା ଓ ନିଷ୍ଠାପର କର୍ତ୍ତବ୍ୟ ପରାୟଣତା ସମ୍ବନ୍ଧରେ ଆଲୋକପାତ କରିଥିଲେ। ଶ୍ରୀ ଦାସଙ୍କୁ କୃଷିସେବା ସଂଘ ଭଦ୍ରକ, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମାନପତ୍ର, ଉତ୍ତରୀୟ ଓ ବିଭିନ୍ନ ଉପଢ଼ୌକନ ପ୍ରଦାନ ପୂର୍ବକ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ସହାୟତା ପ୍ରଦାନ କରାଯାଇଥିଲା।

ମୟୂରଭଞ୍ଜ କଲେଜ ଅଫ ଆକାଉନଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟର ଶିକ୍ଷା ବିଭାଗରେ ଆଲୋଚନା ଚକ୍ର ସହିତ ବିଦାୟକାଳୀନ ସମ୍ବର୍ଦ୍ଧନା

ବାରିପଦା, ୦୨/୫ (ନି.ପ୍ର): ସ୍ଥାନୀୟ ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆ କାଉନଟେନସି ଆଣ୍ଡ ମ୍ୟାନେଜମେଣ୍ଟ ରେ ଶିକ୍ଷା ବିଭାଗ ର ମୁଖ୍ୟା ଅଧ୍ୟାପିକା ସୁଜାତା ପାଲ ଙ୍କ ପୌରହିତ୍ୟ ରେ ତଥା ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ' ବୈଦିକ ଶିକ୍ଷା ବ୍ୟବସ୍ଥା 'ଶୀର୍ଷକ ଆଲୋଚନାଚକ୍ର ସହିତ ଯୁଜି ଶେଷ ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ବିଦାୟ କାଳୀନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୁରୁଜୀ ବୈଦ୍ୟନାଥ ବାବ ମୁଖ୍ୟ ଅତିଥି ଭାବେ ଯୋଗଦେବେ ବୈଦିକ ଯୁଗର ଶିକ୍ଷା ପ୍ରଣାଳୀ, ତଥା ଗୁରୁକୂଳ ଆଶ୍ରମର ଶିକ୍ଷା ଦାନ ପଦ୍ଧତି, ରୀତିନୀତି, ପାଠ୍ୟକ୍ରମ, ଶୃଙ୍ଖଳା ଆଦି ବିଷୟରେ, ଏବଂ ବର୍ତ୍ତମାନ ସମୟ ରେ ଆଧୁନିକ ଶିକ୍ଷା ପ୍ରଣାଳୀ ରେ ଗୁରୁକୂଳ ଆଶ୍ରମର ଶୃଙ୍ଖଳା, ଏବଂ ଗୁରୁଙ୍କୁ ସମ୍ମାନ ଦେବାର ଆବଶ୍ୟକତା କୁ ସବିଶେଷ ଭାବରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ଆଲୋଚନା କରିଥିଲେ ଏବଂ ଶେଷ ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କୁ ବିଦ୍ୟାପ୍ରତି ଧ୍ୟାନ ରତ ହେବା ନିମନ୍ତେ ଉପଦେଶ ଦେଇଥିଲେ। ଅଧ୍ୟକ୍ଷ ଶ୍ରୀଯୁକ୍ତ ନାୟକ ଆଲୋଚନା ର ଶୀର୍ଷକ ଉପରେ ଆଲୋକପାତ କରିବା ସହିତ ବିଦାୟ ନେଉଥିବା ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ ନିମନ୍ତେ କର୍ତ୍ତବ୍ୟ ପରାୟଣ ଓ କର୍ମଠ ହେବାକୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ର ଅଧ୍ୟାପକ ଡ଼. ଠାକୁରା ଚରଣ ମାରାଣ୍ଡି, ଅଭିଜିତ ପଟ୍ଟନାୟକ, ମଦନ ମୋହନ ସାହୁ,

ଚୌଧୁରୀ ଚରଣ ପାତ୍ର, ଅଧ୍ୟାପିକା ରୁପାମଞ୍ଜରି ବେହେରା, ତୃପ୍ତି ଦାସ, ଜ୍ୟୋତିର୍ମୟୀ ଗିରି ସମ୍ମାନିତ ଅତିଥି ଭାବେ ଯୋଗଦେଇ ଆଲୋଚନା ଚକ୍ର ରେ ସକ୍ରିୟ ଅଂଶ ଗ୍ରହଣ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ବିଦାୟ ନେଉଥିବା ଛାତ୍ର ଛାତ୍ରୀ ମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରି ନିଜ ନିଜର ବ୍ୟକ୍ତବ ରଖିଥିଲେ। ଆଲୋଚନା ର ଶୀର୍ଷକ ଉପରେ ପ୍ରଶ୍ନୋତ୍ତର ଓ ପର୍ଯ୍ୟାଲୋଚନା ପରେ ଦ୍ୱିତୀୟ ବର୍ଷ ଓ ପ୍ରଥମ ବର୍ଷ, ଏବଂ ପିଜି ପ୍ରଥମ ବର୍ଷ ର ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷ ରେ ବିଭାଗୀୟ ଅଧ୍ୟାପିକା ସସ୍ମିତା ସି ଧନ୍ୟବାଦ ଅର୍ପଣ କରିଥିବା ବେଳେ ଯୁଜି ଦ୍ୱିତୀୟ ବର୍ଷ ର ଛାତ୍ରୀ ସିମ୍ରନ ଶର୍ମା ଏବଂ ପିଜି ପ୍ରଥମ ବର୍ଷ ର ଛାତ୍ର ଅଭିଷେକ ଘଡ଼େଇ ମଞ୍ଚ ପରିଚାଳନା କରିଥିଲେ।

ବାଲେଶ୍ୱର ଲୋକସଭା ପ୍ରାର୍ଥୀ ତାଲିକାରେ ନୂଆ ମୁଁହ

ନୀଳଗିରି , ୦୨/୫ (ନି.ପ୍ର): ରାଷ୍ଟ୍ରୀୟ ଗୋ ଗୋଠବନ୍ଧନ ଏବଂ ହିନ୍ଦୁ ମହାସଭା ତରଫରୁ ବାବା ପଞ୍ଚଲିଙ୍ଗେଶ୍ୱର ପୀଠର ପିଠାଧିଶ୍ୱର୍ ଜଗତଗୁରୁ କମଲ ମହାପ୍ରଭୁ ବାଲେଶ୍ୱର ସଂସଦୀୟ କ୍ଷେତ୍ର ପାଇଁ ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ନେଇ ତାଙ୍କର ଏକ ଅଡିଓ ବାର୍ତ୍ତା ସୋସିଆଲ ମିଡିଆରେ ଘୁରିବୁଲୁଥିବା ଶୁଣିବାକୁ ମିଳୁଛି। ମହାରାଜ ତାଙ୍କ ଅଡିଓ ବାର୍ତ୍ତାରେ ଆଗାମୀ ଦିନରେ ବାଲେଶ୍ୱର ଲୋକସଭା ସଂସଦୀୟ କ୍ଷେତ୍ରରେ ଲୋକଙ୍କର ସେବା କରିବା ପାଇଁ ତାଙ୍କୁ ଭାରତର ଚାରି ପୀଠର ଶଙ୍କରାଚାର୍ଯ୍ୟ ତାଙ୍କୁ ଆଶୀର୍ବାଦ ପ୍ରଦାନ କରିଛନ୍ତି। ତେଣୁ ଆଗାମୀ ସାଧାରଣ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ରାଷ୍ଟ୍ରମାତା ଗୋ



ବଂଶର ରକ୍ଷାକରିବା ସହିତ ଗୋହତ୍ୟା ବନ୍ଦ କରିବା, ବେକାରୀ ସମସ୍ୟା ଦୂର କରିବା, ସ୍ୱାସ୍ଥ୍ୟ ସେବାରେ ଉନ୍ନତି ଆଣିବା ସହ ମୌଳିକ ସମସ୍ୟା ଦୂର କରିବା ତାଙ୍କର ପ୍ରାଥମିକତା ହେବ ବୋଲି କହିଛନ୍ତି। ସମଗ୍ର ଭାରତ ବର୍ଷରେ ଦୁଇଶହ ଗୋଶାଳା ତାଙ୍କ ତତ୍ତ୍ୱାବଧାନରେ ପରିଚାଳିତ ହେଉଥିବା ବେଳେ ଖୁବ ଶୀଘ୍ର ନୀଳଗିରି ପଞ୍ଚଲିଙ୍ଗେଶ୍ୱର ଠାରେ ଜଗଦ୍ଧାତ୍ରୀ ଗୋ ଅଭୟାରଣ୍ୟ ପ୍ରତିଷ୍ଠା କରି ଗୋମାତା ସୁରକ୍ଷା କରାଯିବ ବୋଲି ସୂଚନା ଦେଇଛନ୍ତି। ସର୍ବୋପରି ବାଲେଶ୍ୱରବାସୀଙ୍କ ସର୍ବାଙ୍ଗୀନ ବିକାଶ ତାଙ୍କ ପ୍ରାଥମିକତା ରହିବ ଯାହାପାଇଁ ସେ ଜୀବନ ଦେବାକୁ ପଛାଇବେ ନାହିଁ ବୋଲି ସୂଚନା ଦେଇଛନ୍ତି। ତାଙ୍କର ଏହି ଅଡିଓ ବାର୍ତ୍ତା ପ୍ରଚାରିତ ହେବା ପରେ ଏକ ନୂଆ ସମୀକରଣ ସୃଷ୍ଟି ହେବାର ସମ୍ଭାବନା ଦେଖାଦେଇଛି। ଯଦି ସେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରନ୍ତି ତାହେଲେ ମୌଳବାଦି ହିନ୍ଦୁ ସଙ୍ଗଠନର ପ୍ରମୁଖଭାଗ ଭୋଟ ତାଙ୍କ ସପକ୍ଷରେ ଯିବବୋଲି ସମୀକ୍ଷକ ଆକଳନ କରିଛନ୍ତି।

ସନ୍ଦେଶଖାଲି ମାମଲାରେ ରିପୋର୍ଟ ଦାଖଲ କଲା ସିବିଆଇ

କୋଲକାତା, ୦୨/୫ (ନି.ପ୍ର): ସନ୍ଦେଶଖାଲି ମାମଲାରେ କୋଲକାତା ହାଇକୋର୍ଟରେ ରିପୋର୍ଟ ଦାଖଲ କରିଛି ସିବିଆଇ । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗୁରୁବାର ମୁଖ୍ୟ ବିଚାରପତି ଟିଏମ ଶିବଜ୍ଞାନମ ଓ ଜଷ୍ଟିସ ହରିଶ୍ଚନ୍ଦ୍ର ଭଟ୍ଟାଚାର୍ଯ୍ୟଙ୍କ ଖଣ୍ଡପୀଠ ନିକଟରେ ସିଲ ବନ୍ଦ ଲଫାପାରେ ତଦନ୍ତର ଷ୍ଟାଟସ ରିପୋର୍ଟ ଦାଖଲ କରିଛି । ମୁଖ୍ୟ ବିଚାରପତିଙ୍କ ଖଣ୍ଡପୀଠ ରାଜ୍ୟକୁ ତଦନ୍ତରେ ଆବଶ୍ୟକୀୟ ସହଯୋଗ କରିବାକୁ କହିଛନ୍ତି । ସିବିଆଇ କୋର୍ଟରେ ଅଭିଯୋଗ କରିଛି ଯେ, ରାଜ୍ୟ ଭୂମି ରେକର୍ଡ ସହିତ ଜଡିତ ମାମଲାରେ ସହଯୋଗ କରୁନାହିଁ ।

କୁମ୍ଭାରୀ ପଞ୍ଚାୟତରେ ବିଜେଡିର କର୍ମୀ ବୈଠକ

ବାଲିଆପାଳ, ୦୨/୫ (ନି.ପ୍ର): ପାଖେଇ ଆସୁଛି ସାଧାରଣ ନିର୍ବାଚନ । ଏହି ନିର୍ବାଚନ ପରିପ୍ରେକ୍ଷୀରେ ବୁଧବାର ବାଲିଆପାଳ ବ୍ଲକ କୁମ୍ଭାରୀ ପଞ୍ଚାୟତର ରାଇଢେଙ୍କ ଗ୍ରାମର ରବୀନ୍ଦ୍ର ପାତ୍ରଙ୍କ ବାସଭବନରେ ବିଜେଡିର କର୍ମୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ନେତା ଭଗୀରଥ ଗିରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କର୍ମୀ ବୈଠକରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଯୋଗ ଦେଇ ଉପସ୍ଥିତ ପଞ୍ଚାୟତର ଗୁରୁଜନ, ମା' ମାଉସୀ ଓ ଯୁବବର୍ଗଙ୍କ ସହ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ ଲୋକାଭିମୁଖୀ ଯୋଜନା ସମ୍ପର୍କରେ ଆଲୋଚନା କରିବା ସହ ତୃଣମୂଳ ସ୍ତରରେ ଦଳର ସଂଗଠନ ସୁଦୃଢ଼ ଦିଗରେ କାର୍ଯ୍ୟ କରିବାକୁ ସଭିଙ୍କୁ ଆହ୍ୱାନ କରିଥିଲେ । ମାନ୍ୟବର

ମୁଖ୍ୟମନ୍ତ୍ରୀଙ୍କୁ ୬ଷ୍ଠ ଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିବା ସହ ଭୋଟ ଭିକ୍ଷା କରିଥିଲେ । ଏହି କର୍ମୀ ବୈଠକରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ ଅନୁପ୍ରାଣିତ ହୋଇ କୁମ୍ଭାରୀ ପଞ୍ଚାୟତର କଂଗ୍ରେସ ଦଳର ଯୁବ ସକ୍ରିୟ ସଦସ୍ୟ ଶ୍ରୀଯୁକ୍ତ ସୃଷ୍ଟିଧର ଅଣ୍ଡିଆ କଂଗ୍ରେସ ଦଳ ଛାଡ଼ି ବିଜୁ ଜନତା ଦଳରେ ସାମିଲ ହୋଇଥିଲେ । ମୁଖ୍ୟ ଅତିଥି ବିଧାୟିକା ପ୍ରାର୍ଥିନୀ ଶ୍ରୀମତୀ ଜେନା ତାଙ୍କୁ ଦଳୀୟ ଉତ୍ତରୀୟ ପିନ୍ଧାଇ ବିଜୁ ଜନତା ଦଳକୁ ସ୍ୱାଗତ କରିବା ସହ ମିଳିମିଶି ଅଞ୍ଚଳର ଉନ୍ନତି କ୍ଷେତ୍ରରେ କାର୍ଯ୍ୟ କରିବା ପାଇଁ ଆହ୍ୱାନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଏହି କର୍ମୀ ବୈଠକରେ ୨୨ ନମ୍ବର ଜୋନ ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ, ଶ୍ରୀରାମପୁର ପଞ୍ଚାୟତ ସରପଞ୍ଚ ଦେବ କୁମାର ଦେ, ବାଲିଆପାଳ ବ୍ଲକ ପୂର୍ବତନ ଅଧ୍ୟକ୍ଷ ଶଶଧର ପ୍ରଧାନ, ବରିଷ୍ଠ ନେତା ପ୍ରଫୁଲ୍ଲ ପାତ୍ର,ଲକ୍ଷ୍ମୀଧର ସେଠୀ, କୁମ୍ଭାରୀ ପଞ୍ଚାୟତର ପର୍ଯ୍ୟବେକ୍ଷକ ଯଯାତି ଦାସ,ଆଡଭୋକେଟ୍ ମାନସ ମହାପାତ୍ର,କୁମ୍ଭାରୀ ପଞ୍ଚାୟତ ପୂର୍ବତନ ସମିତିସଭ୍ୟ ପ୍ରଭାକର ଜେନା, ପଞ୍ଚାୟତ ମହିଳା ସଭାପତି ଲକ୍ଷ୍ମୀପ୍ରିୟା ପ୍ରଧାନ, ପଞ୍ଚାୟତ ଯୁବ ସଭାପତି ସନ୍ତୋଷ ଦାସ, ପ୍ରମୁଖ ଦଳର ବହୁ ନେତୃବୃନ୍ଦ ଓ ଶତାଧିକ ପୁରୁଷ ମହିଳା କର୍ମୀ ଉପସ୍ଥିତ ଥିଲେ।

ଶେଖ୍ ଶାହଜହାଁର ଭାଇକୁ ସିବିଆଇ ନୋଟିସ

କୋଲକାତା, ୦୨/୫ (ନି.ପ୍ର): ସିବିଆଇ ବୁଧବାର ତୃଣମୂଳ କଂଗ୍ରେସର ନିଲମ୍ବିତ ନେତା ଶେଖ୍ ଶାହଜହାଁର ଫେରାର ଛୋଟ ଭାଇ ଶେଖ୍ ସିରାଜୁଦ୍ଦିନକୁ ସନ୍ଦେଶଖାଲିରେ ଅସ୍ତ୍ରଶସ୍ତ୍ର ଓ ଗୋଳାବାରୁଦ ଜବତ ମାମଲାରେ ପଚରାଉଚରା ପାଇଁ ନୋଟିସ ଜାରି କରିଛି । କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥା ଗୁରୁବାର ଏହି ସୂଚନା ଦେଇଛି । ବୁଧବାର ସକାଳେ ସିଏପିଏଫ କର୍ମୀଙ୍କ ସହିତ ସିବିଆଇ ଅଧିକାରୀଙ୍କ ଏକ ଟିମ୍ ସିରାଜୁଦ୍ଦିନର ଘରେ ପହଂଚି ପଚରାଉଚରା ପାଇଁ ନୋଟିସ ଲଗାଇଥିଲେ । ଏପ୍ରିଲ ୨୬ରେ ପଶ୍ଚିମବଙ୍ଗର ଉତ୍ତର ୨୪ ପ୍ରଗଣା ଜିଲ୍ଲାର ସନ୍ଦେଶଖାଲିରେ ଶାହଜହାଁର ନିକଟ ସଂପର୍କୀୟ ଘରୁ ଅସ୍ତ୍ରଶସ୍ତ୍ର, ଗୋଳା ବାରୁଦ, ବିସ୍ଫୋରକ, ବୋମା ଜବତ କରାଯାଇଥିଲା ।

ପ୍ରଥମ ଥର ରକ୍ତଦାନ କରି ସମ୍ବର୍ଦ୍ଧିତ ହେଲେ ଶିକ୍ଷୟତ୍ରୀ ସୁମିତ୍ରା

ବାରିପଦା , ୦୨/୫ (ନି.ପ୍ର): ବାରିପଦାରେ ଅସହ୍ୟ ଗରମ ପଡିଥିବାକୁ ଏବଂ ରକ୍ତଭଣ୍ଡାରରେ ରକ୍ତର ଅଭାବ ଥିବା ବେଳେ ଜଣେ ରକ୍ତଦାନ ନକଲେ ଅନ୍ୟର ଜୀବନ ବଞ୍ଚାଇବା ଅସମ୍ଭବ ଓ ପି ଆର ଏମ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଦୁଇଜଣ ରୋଗୀଙ୍କର ତତକ୍ଷଣାତ ରକ୍ତ ଦରକାର ପଡିବା ଖବର ପାଇ ସାହାଯ୍ୟର ହାତ ବଢ଼ାଇଥିଲେ ପୂର୍ଣ୍ଣଚନ୍ଦ୍ର ପୁର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟତ୍ରୀ ସୁମିତ୍ରା ରାଉତ ଓ କର୍ମଚାରୀ ବାମା ଚରଣ ବାନରା ଓ ସମାଜସେବୀ ତଥା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୋମନାଥ ସିଂହ ଉଭୟଙ୍କ ସହ ଯୋଗାଯୋଗ କରି ରକ୍ତଦାନ କରିବା ପାଇଁ ଉତ୍ସାହିତ କରିଥିଲେ ଓ ପ୍ରଥମ ଥର ରକ୍ତଦାନ କରିଥିବା ସୁମିତ୍ରାଙ୍କୁ ଓଡିଶା ରକ୍ତ କେନ୍ଦ୍ର, ବାରିପଦାରେ ରକ୍ତ ଭଣ୍ଡାର ଅଧିକାରୀ ଡଃ ସୌମ୍ୟ ରଞ୍ଜନ ନାୟକ, ବିଶିଷ୍ଟ ରକ୍ତଦାତା ନିରୋଜ କୁମାର ପୋଥାଳ, ସମାଜସେବୀ ରଣଜିତ ଦାସ, ଶିକ୍ଷୟତ୍ରୀ ସସ୍ମିତା ପାତ୍ର, ରୁଚିକା ଖୁରାନା ଓ ଶ୍ରୀ ସିଂହ ଙ୍କ ଉପସ୍ଥିତିରେ ପ୍ରମାଣ ପତ୍ର ପ୍ରଦାନ କରି ଉତ୍ସାହିତ କରାଯାଇଥିଲା । ତତସହିତ ନାରାୟଣ ସେବା ଟ୍ରଷ୍ଟ ତରଫରୁ ମଧ୍ୟ ସୁମିତ୍ରାଙ୍କୁ ପ୍ରଥମ ଥର ଏବଂ ବାମାଚରଣଙ୍କୁ ୯ମ ରକ୍ତଦାନ ପାଇଁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ପ୍ରଥମ ଥର ରକ୍ତଦାନ କରି ଅନ୍ୟ ଜଣଙ୍କର ଜୀବନ ବଞ୍ଚାଇବାର ସୁଯୋଗ ପାଇଥିବାରୁ ସୁମିତ୍ରା ବେଶ ଆତ୍ମସନ୍ତୋଷ ଲାଭ କରିବା ସହ ଏହି ପରିସ୍ଥିତିରେ ବହୁସଂଖ୍ୟାରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିବା ପାଇଁ ଆହ୍ୱାନ ଦେଇଛନ୍ତି ।

ବିଜେଡିର ସାଧାରଣ ସଭାରେ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ଡବଲ ଶଙ୍ଖରେ ଭୋଟ ପାଇଁ ଭିକ୍ଷା

ବେତନଟୀ , ୦୨/୫ (ନି.ପ୍ର): ବାଲେଶ୍ୱର ଲୋକସଭା ଆସନ ଅଧୀନ ବଡ଼ସାହି ନିର୍ବାଚନ ମଣ୍ଡଳୀ ର ବେତନଟୀ ମୟରକେମିକାଲ ପଡ଼ିଆରେ ବିଜେଡି ର ଏକ ସାଧାରଣ ସଭାରେ ଆଜି ସଂସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତସିଂହାର ବିଧାୟକ ପ୍ରାର୍ଥୀନୀ ଅନୂସୟା ପାତ୍ର କୁ ଡବୋଲ ସଙ୍ଖ ରେ ଭୋଟ ଦେବା ପାଇଁ ସାଂସଦ ପ୍ରାର୍ଥୀନୀ ବକ୍ତବ୍ୟ ମାଧ୍ୟମରେ ମଞ୍ଚ ରୁ ନିବେଦନ କରିଥିଲେ। ସାଧାରଣ ସଭା ପୂର୍ବରୁ ଶତାଧିକ କର୍ମୀ ଙ୍କ ଗହଣ ରେ ଏହି ଦୁଇ ପ୍ରାର୍ଥୀନୀ ଙ୍କୁ ବେତନଟୀ ବଙ୍ଗଳାଛକ ରୁ ବାଇକ ରାଲି ମାଧ୍ୟମରେ ବେତନଟୀ ବଜାର ପରିକ୍ରମା ପରେ ମଞ୍ଚ ନିକଟକୁ ଆସିଥିଲେ। ଆସନ୍ତା ଜୁନ ୧ ତାରିଖରେ ଏହି ଅଞ୍ଚଳ ରେ ନିର୍ବାଚନ ଅନୁଷ୍ଠିତ ହେବାକୁ ଥିବା ବେଳେ ସାଂସଦ ପ୍ରାର୍ଥୀନୀ କଂଗ୍ରେସ ଓ ବିଜେପି ର ଦୁଇ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବର୍ତ୍ତମାନ ର ବାଲେଶ୍ୱର ର ସାଂସଦ ପ୍ରାର୍ଥୀ ଙ୍କୁ ତିବ୍ର ସମାଲୋଚନା କରିଥିଲେ। ସେ ନିଜ ବକ୍ତବ୍ୟରେ କହିଥିଲେ। ୨୦୦୯ ରୁ ୨୦୧୪ ମଧ୍ୟମରେ ବାଲେଶ୍ୱର ସାଂସଦ ହୋଇ